

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୩ ଏପ୍ରିଲ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 23 APRIL 2024

Vol.No. 35 ■ No.109 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ମୋଦୀଙ୍କ ବୟାନକୁ ନେଇ ତେଜୁଛି ବିବାଦ

ଜବାବ ଦେଲେ ରାହୁଲ ଗାନ୍ଧୀ

ନୂଆଦିଲ୍ଲୀ, ୨୨/୪ : ୨୦୦୬ ମସିହାରେ ତତକାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଦେଇଥିବା ବୟାନକୁ ନେଇ ୧୮ ବର୍ଷ ପରେ ବିବାଦ ଆରମ୍ଭ ହୋଇଛି । ଦେଶର ବିକାଶର ଲାଭ ସମାନ ଭାବେ ଅଳ୍ପ ସଂଖ୍ୟକ ବିଶେଷକରି ମୁସଲିମଙ୍କ ନିକଟରେ ପହଂଚାଇବା ପାଇଁ ଆମେ ସ୍ୱତନ୍ତ୍ର ଯୋଜନା କରୁଛୁ ବୋଲି କହିଥିଲେ ମନମୋହନ ସିଂ । ଆଉ ମନମୋହନ ସିଂଙ୍କ ଏହି ବୟାନ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବୟାନ ଆସିଛି । ରବିବାର ରାଜସ୍ଥାନର ନିର୍ବାଚନୀରେ ରାଲିକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କଂଗ୍ରେସକୁ ଟାର୍ଗେଟ କରି କହିଛନ୍ତି, ମନମୋହନ ସିଂଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାର କହୁଥିଲା ଦେଶର ସମ୍ପତ୍ତିର ମୁସଲିମମାନଙ୍କ ପ୍ରଥମ ଅଧିକାର ରହିଛି । ଯାହାକୁ ନେଇ ରାଜନୈତିକ ବୟାନବାଜି ଜୋର ଧରିଛି । ମୋଦୀ କହିଛନ୍ତି, କଂଗ୍ରେସ ଯାହା ନିର୍ବାଚନୀ ଇସ୍ତାହାରରେ କହିଛି ତାହା ସାଂଘାତିକ, ଯଦି କଂଗ୍ରେସ ସରକାର ଗଢିବ ସମସ୍ତଙ୍କ ସମ୍ପତ୍ତିର ର୍ସବେକ୍ଷଣ କରିବ ଏବଂ ସେମାନେ ମା, ଓ ଭଉଣୀଙ୍କ ସୁନା ଅଳଙ୍କାରର ହିସାବ କରି ତାକୁ ସମସ୍ତଙ୍କ ମଧ୍ୟରେ ବାଂଟିଦେବେ । ଏପରିକି ସେମାନେ ତୁମର ମଙ୍ଗଳସୁତ୍ରକୁ ବି ଛାଡିବେନି । ଏଥିସହ କଂଗ୍ରେସ ଏବେ ସହରୀ ନକ୍ସଲଙ୍କ ହାଠମୁଠାରେ ଥିବା କହିଛନ୍ତି ମୋଦୀ । ଯାହାର ଜବାବରେ ରାହୁଲ ଗାନ୍ଧୀ କହିଛନ୍ତି, ବେକାରୀ, ମୁଦ୍ରାସ୍ଫିତି ଭଳି ମୁଖ୍ୟ ସମସ୍ୟାରୁ ଧ୍ୟାନ ହଟାଇବା ପାଇଁ ବିଜେପି ଏଭଳି ଚେଷ୍ଟା ଚଳାଇଛି । ପ୍ରଧାନମନ୍ତ୍ରୀଙ୍କ ବୟାନକୁ ନେଇ ବିବାଦ ବଢୁଛି । କଂଗ୍ରେସ ପାଲଟା ଜବାବ ମଧ୍ୟ ଦେଇଛି । ଅନ୍ୟପଟେ ଦୁଇ ଭାଗ ହୋଇଯାଇଛି ସୋସିଆଲ ମିଡିଆ । ଗୋଟିଏ ପକ୍ଷ ମନମୋହନ ସିଂ ତାଙ୍କ ବୟାନଙ୍କୁ ସମାଲୋଚନା କରୁଥିବା ବେଳେ ଅନ୍ୟ ପକ୍ଷ ନରେନ୍ଦ୍ର ମୋଦୀଙ୍କୁ ସମାଲୋଚନା କରିଛନ୍ତି । ପ୍ରଧାନମନ୍ତ୍ରୀ ଅନୁପ୍ରବେଶକାରୀଙ୍କୁ ମୁସଲିମ କହୁଥିବା ନେଇ କିଛି ୟୁଜର୍ସ ମୋଦୀଙ୍କୁ ସମାଲୋଚନା କରିଛନ୍ତି । ମାଦୀଙ୍କ ବୟାନକୁ ନେଇ ଇଣ୍ଡି ମେଂଟର ସହଯୋଗୀ ଦଳମାନେ ବିଜେପିକୁ କଡା ସମାଲୋଚନା କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କୁ ଘୃଣା ଭାଷଣରୁ ନିବୃତ ରହି ଦେଶର ମୁଖ୍ୟ ସମସ୍ୟା ଉପରେ ଆଲୋଚନା କରିବାକୁ କହିଛନ୍ତି ବିହାରର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ । ମୋଦୀ ଦେଶବାସୀଙ୍କଠୁ କ୍ଷମା ମାଗନ୍ତୁ ବୋଲି ବିରୋଧୀ ଦାବି କରିଛନ୍ତି ।

ମାହାଙ୍ଗା ଡବଲ ମର୍ଡର ମାମଲା: ପ୍ରତାପ ଜେନାଙ୍କ ଆବେଦନର ଶୁଣାଣି ଶେଷ, ରାୟ ସଂରକ୍ଷିତ

ମାହାଙ୍ଗା, ୨୨/୪ (ନି.ପ୍ର): ମାହାଙ୍ଗା ଡବଲ ମର୍ଡର ମାମଲାରେ ବିଧାୟକ ପ୍ରତାପ ଜେନାଙ୍କ ଆବେଦନର ଶୁଣାଣି ଶେଷ ହୋଇଛି। ସମସ୍ତ ପକ୍ଷଙ୍କ ଯୁକ୍ତି ଉପସ୍ଥାପନ ପରେ ରାୟ ସଂରକ୍ଷିତ ରଖିଛନ୍ତି ହାଇକୋର୍ଟ। ଡବଲ ମର୍ଡର ଘଟଣାରେ ପ୍ରତାପଙ୍କ ବିରୋଧରେ ମାମଲା ଚଳାଇବାକୁ ସାଲେପୁର ଜେଏମଏଫସି ଦେଇଥିବା ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ମାମଲା ଦାଏର କରାଯାଇଥିଲା।ନିମ୍ନ ଅଦାଲତ ପ୍ରତାପଙ୍କ ବିରୋଧରେ ମାମଲା ଚଳାଇବାକୁ ନିର୍ଦ୍ଦେଶ ଦେବା ବେଆଇନ ବୋଲି ତାଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇଛି। ଅନ୍ୟପଟେ ପ୍ରତିପକ୍ଷ ଯୁକ୍ତି ଦର୍ଶାଇଛନ୍ତି ଯେ ନିମ୍ନ ଅଦାଲତ ନିଜ କ୍ଷମତା ଅନୁଯାୟୀ ନିଷ୍ପତ୍ତି ଶୁଣାଇଛନ୍ତି ଯାହା ଆଇନ ସମ୍ମତ। ଏସବୁକୁ ଶୁଣିବା ସହ ଉଭୟ ପକ୍ଷର ଲିଖିତ ଯୁକ୍ତିକୁ ଗ୍ରହଣ କରି ହାଇକୋର୍ଟ ମାମଲାର ରାୟ ସଂରକ୍ଷିତ ରଖିଛନ୍ତି। ୨୦୨୧ ଜାନୁଆରୀ ୨ ତାରିଖ ସନ୍ଧ୍ୟାରେ ମାହାଙ୍ଗାର ବରିଷ୍ଠ ବିଜେପି ନେତା କୁଳମଣି ବରାଳ (୭୫) ଓ ତାଙ୍କ ସଂପର୍କୀୟ ଦିବ୍ୟ ସିଂହ ବରାଳ (୮୨)ଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଏହି ମାମଲାରେ ୧୩ ଜଣଙ୍କ ନାଁରେ ଥାନାରେ ଅଭିଯୋଗ ହୋଇଥିଲା । ବିଧାୟକ ପ୍ରତାପ ଜେନାଙ୍କ ବିରୋଧରେ ମଧ୍ୟ ହୋଇଥିଲା ମାମଲା । ତେବେ ପୁଲିସ ଚାର୍ଜସିଟ୍ ଦାଖଲ ବେଳେ ମନ୍ତ୍ରୀଙ୍କ ନାଁକୁ କାଟି ଦେଇଥିଲା। ଏହାକୁ ନେଇ ପ୍ରତିପକ୍ଷ ଲଢ଼େଇ ଜାରି ରଖିଥିଲେ। ଗତ ବର୍ଷ ସେପ୍ଟେମ୍ବର ମାସରେ ସାଲେପୁର ଜେଏମ୍‌ଏଫସି କୋର୍ଟ ପ୍ରତାପ ଜେନାଙ୍କ ନାଁରେ ମାମଲା ଚାଲୁ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ସାଲେପୁର ଜେଏମ୍‌ଏଫସି କୋର୍ଟ ଯେଉଁ ନିର୍ଦ୍ଦେଶ ଦେଇଥିଲେ, ସେଥିରେ ସ୍ପଷ୍ଟ ଭାବେ କହିଥିଲେ ଯେ ଅଭିଯୋଗକାରୀ ଓ ସାକ୍ଷୀମାନଙ୍କର ବୟାନ ଏବଂ ବିଭିନ୍ନ ରେକର୍ଡପତ୍ର ଗୁଡ଼ିକୁ ଦେଖିଲେ ଆପାତତଃ ପ୍ରତାପ ଜେନାଙ୍କ ବିରୋଧରେ ପ୍ରମାଣଯୋଗ୍ୟ ତଥ୍ୟ ରହିଛି।

ନିଆଁ ରୋକିବାକୁ ଓଡ୍ରାଫ୍ ନିୟୋଜିତ

ଭୁବନେଶ୍ୱର, ୨୨/୦୪ (ନି.ପ୍ର): ଜଙ୍ଗଲ ନିଆଁ ରୋକିବାକୁ ଓଡ୍ରାଫ୍ ଟିମ୍ ନିୟୋଜିତ। ଅଧିକ ବନାଗ୍ନି ଦେଖାଦେଉଥିବା ୭ଟି ଡିଭିଜନରେ ନିୟୋଜନ ହେବେ ଓଡ୍ରାଫ୍ ଟିମ୍। ବାଲିଗୁଡ଼ା, ଫୁଲବାଣୀ, ବଣେଇ, ପାରଳାଖେମୁଣ୍ଡି, କଳାହାଣ୍ଡି ଓ ଶିମିଳିପାଳ ଭଳି ୭ ବନଖଣ୍ଡରେ ଓଡ୍ରାଫ୍ ନିୟୋଜିତ ହେବେ। ଆଜି ଓଡ୍ରାଫ୍ ଟିମ୍ ବାହାରିଗଲେଣି। ଆସନ୍ତାକାଲି ସୁଦ୍ଧା ବିଭିନ୍ନ ସ୍ଥାନରେ ପହଞ୍ଚିଯିବେ ବୋଲି ସୂଚନା ଦେଇଛନ୍ତି ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ। ତେବେ ଏଯାଏଁ ରାଜ୍ୟରେ ଆୟତ୍ତରେ ଅଛି ଜଙ୍ଗଲ ନିଆଁ। ଜଙ୍ଗଲ ନିଆଁ ରୋକିବାକୁ ସଚେତନତା ସୃଷ୍ଟି କରାଯାଇଛି। ଗତବର୍ଷ ଏହି ସମୟ ସୁଦ୍ଧା ପ୍ରାୟ ୩୨ ହଜାର ୫୦୦ ଫଏଣ୍ଟରେ ନିଆଁ ଲାଗିଥିବା ବେଳେ ଚଳିତ ବର୍ଷ ଏଯାଏଁ ତାହା ୧୨ ହଜାରରେ ସୀମିତ ରହିଛି।

ବିଜେଡିର ୭ମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା: ୩ ବିଧାୟକଙ୍କ ଟିକେଟ୍ କଟିଲା

ଭୁବନେଶ୍ୱର, ୨୨/୪ (ନି.ପ୍ର): ଘୋଷଣା ହୋଇନଥିବା ବିଜେଡିର ୧୨ରୁ ୬ସିଟ୍‌ରେ ପ୍ରାର୍ଥୀ ଘୋଷଣା ହେଲା। ପୁଣି ବାକି ରହିଲା ୬। ବିଜେଡି ତାର ସପ୍ତମ ପର୍ଯ୍ୟାୟ ତାଲିକାରେ ତିନି ସିଟିଂ ଏମ୍‌ଏଲ୍‌ଏଙ୍କ ଟିକେଟ କାଟିଥିବାବେଳେ ଦୁଇ ବିଧାୟକଙ୍କ ପତ୍ନୀଙ୍କୁ ଦେଇଛି ଟିକେଟ। କେବଳ କାକଟପୁରକୁ ଛାଡ଼ିଦେଲେ ଅନ୍ୟ ୫ ସିଟ୍‌ରେ ନୂଆ ମୁହଁକୁ ଦଳ ପ୍ରାର୍ଥୀ କରିଛି। ଆରପଟେ ବାକି ଥିବା ୬ ବିବାଦୀୟ ନିର୍ବାଚନ ମଣ୍ଡଳୀ କଣ୍ଟା ଏବେ ବିଜେଡି ତଣ୍ଟିରେ ଲାଗିଛି। ବରୀ, ବାଲିକୁଦା ଆଉ ହିନ୍ଦୋଳରେ କଟିଲା ବିଧାୟକଙ୍କ ଟିକେଟ। ବଳି ପଡ଼ିଲେ ସୁନନ୍ଦା, ସୀମାରାଣୀ ଓ ରଘୁନନ୍ଦନ। ଦୁଇ ସ୍ଥାନରେ ସ୍ୱାମୀଙ୍କ ବଦଳରେ ସ୍ତ୍ରୀଙ୍କୁ ମିଳିଲା ଟିକେଟ। କେବଳ କାକଟପୁରରେ ଦଳ ପ୍ରାର୍ଥୀଙ୍କୁ ରିପିଟ୍ କରିଥିବାବେଳେ ଆଉ ସବୁଠି ନୂଆ ପ୍ରାର୍ଥୀ। ଆଜି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ୬ ▶▶ପୃଷ୍ଠା ୭

୧୪ ହଜାର ଟଙ୍କା ଲାଞ୍ଚ ନେଇ ଧରାପଡ଼ିଲେ ପ୍ରଧାନ ଶିକ୍ଷକ

ବରଗଡ଼, ୨୨/୪ (ନି.ପ୍ର): ୧୪ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ବରଗଡ଼ ଜିଲ୍ଲା କୁସନପୁରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ବାଳମୁକୁନ୍ଦ ପ୍ରଧାନ। ସ୍ଥାନୀୟ ଏକ ଏସ୍‌ଏଚ୍‌ଜିର ଜଣେ କାର୍ଯ୍ୟକର୍ତ୍ତାଙ୍କ ଠାରୁ ପ୍ରଧାନ ଶିକ୍ଷକ ଶ୍ରୀ ପ୍ରଧାନ ଲାଞ୍ଚ ନେଉଥିବା ବେଳେ ଧରାପଡ଼ି ଥିଲେ। ସ୍କୁଲ ପରିସରରେ ସଫେଇ ଓ ରାତିରେ ଜଗିବା କାର୍ଯ୍ୟ ବାବଦକୁ ଏହି ଏସ୍‌ଏଚ୍‌ଜିକୁ ମିଳିବାକୁ ଥିବା ପ୍ରାପ୍ୟ ସଂପର୍କିତ ଫାଇଲ୍ କାମ କରି ଦେବା ପାଇଁ ପ୍ରଧାନ ଶିକ୍ଷକ ବାଳମୁକୁନ୍ଦ ପ୍ରଧାନ ଲାଞ୍ଚ ମାଗିଥିଲେ। ଏନେଇ ସଂପୃକ୍ତ ଏସ୍‌ଏଚ୍‌ଜି ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲା। ଯୋଜନା ଅନୁଯାୟୀ, ଆଜି ଏସ୍‌ଏଚ୍‌ଜିର ଜଣେ କାର୍ଯ୍ୟକର୍ତ୍ତା ପ୍ରଧାନ ଶିକ୍ଷକଙ୍କୁ ଲାଞ୍ଚ ବାବଦକୁ ▶▶ପୃଷ୍ଠା ୭

ନିର୍ବାଚନ ପ୍ରଚାର କରୁଥିଲେ ଅରୂପ ପଟ୍ଟନାୟକ: ହଠାତ୍ ହେଲେ ଅସୁସ୍ଥ

ପୁରୀ, ୨୨/୦୪ (ନି.ପ୍ର): ନିର୍ବାଚନ ପାଖେଇ ଆସୁଥିବା ବେଳେ ରାଜନୈତିକ ଦଳମାନଙ୍କର ପ୍ରଚାର ବି ଜୋର ଧରିବାରେ ଲାଗିଛି। ମୁଣ୍ଡ ଫଟା ଖରାରେ ବି ବିଭିନ୍ନ ସ୍ଥାନ ବୁଲି ଘନ ଘନ ପ୍ରଚାର କରୁଛନ୍ତି ପ୍ରାର୍ଥୀ। ମାତ୍ର ପ୍ରଚଣ୍ଡ ଖରାରେ ପ୍ରଚାର କରୁ କରୁ ଅସୁସ୍ଥ ହୋଇ ପଡ଼ିଛନ୍ତି ପୁରୀ ଲୋକସଭା ଆସନର ବିଜେଡି ପ୍ରାର୍ଥୀ ଅରୂପ ପଟ୍ଟନାୟକ । ନିଜ ସମର୍ଥକ ତଥା ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀଙ୍କ ସହ ଆଜି ପିପିଲିରେ ନିର୍ବାଚନୀ ରାଲିରେ ଯୋଗ ଦେଇଥିଲେ ଅରୂପ ପଟ୍ଟନାୟକ । ମାତ୍ର ଏକ ଖୋଲା ଗାଡ଼ିରେ ପ୍ରଚାର କରୁଥିବା ବେଳେ ହଠାତ୍ ତାଙ୍କ ମୁଣ୍ଡ ବୁଲାଇଥିଲା ଓ ତଳେ ବସି ପଡ଼ିଥିଲେ ଅରୂପ ପଟ୍ଟନାୟକ । ବିଧାୟକ ଏବଂ କର୍ମୀମାନେ ସଙ୍ଗେ ସଙ୍ଗେ ପାଣି ଛିଞ୍ଚି ତାଙ୍କୁ ସାମାନ୍ୟ କରିଥିଲେ। ଏହାପରେ ତୁରନ୍ତ କାର ଯୋଗେ ତାଙ୍କୁ ନିକଟସ୍ଥ ପିପିଲି ହସ୍ପିଟାଲକୁ ନିଆଯାଇଥିଲା। ହସ୍ପିଟାଲରେ ଉପସ୍ଥିତ ଡାକ୍ତର ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ତାଙ୍କ ରକ୍ତଚାପ କମି ଯାଇଥିବା ଜଣାପଡ଼ିଥିଲା।

ପ୍ରାର୍ଥିପତ୍ର ଦାଖଲ କଲେ ତାରା, ପ୍ରଦୀପ୍ତ, ପ୍ରଦୀପ ଓ ମାଳବିକା

ଜୟପୁର, ୨୨/୪ (ନି.ପ୍ର): ଜୟପୁରରୁ କଂଗ୍ରେସ ଟିକେଟରେ ବିଧାନସଭା ନିର୍ବାଚନ ଲଢୁଥିବା ତାରାପ୍ରସାଦ ବାହିନୀପତି ଆଜି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ନିଜ ସମର୍ଥକଙ୍କ ଗହଣରେ ଏକ ବିରାଟ ଶୋଭାଯାତ୍ରାରେ ଆସି ଜୟପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି ତାରା ବାହିନୀପତି। ନାମାଙ୍କନ ଦାଖଲ ବେଳେ ତାଙ୍କ ସହ ଥିଲେ କୋରାପୁଟ କଂଗ୍ରେସ ସାଂସଦ ପ୍ରାର୍ଥୀ ସପ୍ତଗିରି ଉଲାକା। ତା'ପୂର୍ବରୁ ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ଆଶୀର୍ବାଦ ନେଇ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ ତାରା ବାହିନୀପତି। ରଜାନଗର ▶▶ପୃଷ୍ଠା ୭

କେଜ୍ରିୱାଲଙ୍କୁ ପୁଣି ଝଟକା ଦେଲେ କୋର୍ଟ: ଖାରଜ କଲେ ଭିଡିଓ କନଫରେନସିଙ୍ଗ ଜରିଆରେ ଚିକିତ୍ସା ପାଇଁ କରିଥିବା ଆବେଦନ



ନୂଆଦିଲ୍ଲୀ, ୨୨/୪ : ଦିଲ୍ଲୀର ଅବକାରୀ ନୀତି ଦୁର୍ନୀତି ମାମଲାରେ ତିହାର ଜେଲରେ ବନ୍ଦୀ ଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ସୋମବାର କୋର୍ଟ ପକ୍ଷରୁ ଏକ ବଡ଼ ଝଟକା ଲାଗିଛି। କେଜ୍ରିୱାଲ ଭିଡିଓ କନଫରେନ୍ସିଂ ଜରିଆରେ ଡାକ୍ତରୀ ପରାମର୍ଶ ପାଇଁ ଦିଲ୍ଲୀର ରାଉସ୍ ଆଭେନ୍ୟୁ କୋର୍ଟରେ ଏକ ଆବେଦନ କରିଥିଲେ, ଯାହାକୁ ଖାରଜ କରାଯାଇଛି। ଏହି ଆବେଦନରେ କେଜ୍ରିୱାଲ ତିହାର ଜେଲ କର୍ତ୍ତୃପକ୍ଷଙ୍କୁ ତାଙ୍କ ମଧୁମେହ ସ୍ତର ମାପିବା ଏବଂ ମଧୁମେହ ସମ୍ବନ୍ଧୀୟ ସୂଚନା ଦେବାକୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ପ୍ରତିଦିନ ୧୫ ମିନିଟ ଡାକ୍ତରଙ୍କ ପରାମର୍ଶ ପାଇଁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଥିଲେ । ଏବେ ତାଙ୍କ ଆବେଦନକୁ ଖାରଜ କରିଛନ୍ତି କୋର୍ଟ । ତେବେ କେଜ୍ରିୱାଲଙ୍କ ପାଇଁ ଏକ ମେଡିକାଲ ବୋର୍ଡ ଗଠନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କେଜ୍ରିୱାଲ ଏପ୍ରିଲ ୧ରୁ ତିହାର ଜେଲରେ ଅଛନ୍ତି । ଆସନ୍ତାକାଲି ତାଙ୍କର ନ୍ୟାୟିକ ହେପାଜତ ଅବଧି ଶେଷ ହେଉଥିବା ବେଳେ ଏହି ଅବଧି ବଢିବ ନ ତାଙ୍କୁ ଜାମିନ ମିଳିବ ତାହା ସ୍ପଷ୍ଟ ହେବ । ଏହା ପୂର୍ବରୁ ଜେଲ ପ୍ରଶାସନ ଉପରେ ଅନେକ ଆରୋପ ଲଗାଇ କେଜ୍ରିୱାଲ୍ କହିଥିଲେ ଯେ, ତିହାର ଜେଲ ପ୍ରଶାସନ ମିଛ କହୁଛି । ମୋତେ ଇନ୍ସୁଲିନ ଦିଆଯାଉନାହିଁ । ମୁଁ ଖବରକାଗଜରେ ତିହାର ଜେଲ ପ୍ରଶାସନର ବିବୃତି ପଢିଛି। ଏହାକୁ ପଢିବା ପରେ ମୋତେ ଶକ୍ତ ଧକ୍କା ଲାଗିଛି । କାରଣ ଜେଲ ପ୍ରଶାସନ ମୋତେ ନେଇ ଯେଉଁ ବିବୃତି ଦେଇଛନ୍ତି ତାହା ସମ୍ପୂର୍ଣ୍ଣ ମିଛ । ଦେହରେ ରକ୍ତ ଶର୍କରା ସ୍ତର ଅଧିକ ରହୁଥିବାରୁ ମୁଁ ଇନ୍ସୁଲିନ ଦେବାକୁ କେବେଠୁ ଅନୁରୋଧ କରିଆସୁଛି । ହେଲେ ଜେଲ ପ୍ରଶାସନ ଇନ୍ସୁଲିନ ନଦେଇ ବି ସବୁ ସୁବିଧା ଦିଆଯାଉଥିବା ନେଇ ଦାବି କରୁଛି ।

ଅରୁଣାଚଳର ୮ଟି ବୁଥ୍‌ରେ ହେବ ପୁଣି ଭୋଟିଂ

ନୂଆଦିଲ୍ଲୀ, ୨୨/୪ : ଅରୁଣାଚଳ ପ୍ରଦେଶର ୮ଟି ବୁଥରେ ପୁଣି ହେବ ନିର୍ବାଚନ। ଏଠାରେ ଲୋକେ ପୁଣିଥରେ ମତଦାନ କରିବେ। ଲୋକସଭା ନିର୍ବାଚନ ପାଇଁ ଏପ୍ରିଲ ୧୯ ପ୍ରଥମ ପର୍ଯ୍ୟାୟରେ ଅରୁଣାଚଳ ପ୍ରଦେଶରେ ଭୋଟିଂ ହୋଇଥିଲା। ପ୍ରଥମ ପର୍ଯ୍ୟାୟ ଭୋଟିଂ ବେଳେ ଅନେକ ସ୍ଥାନରେ ହିଂସା ଓ ଭଙ୍ଗାରୁଜା ହୋଇଥିବା ଘଟଣା ସାମ୍ନାକୁ ଆସିଥିଲା। ଏହାକୁ ଦୃଷ୍ଟିରେ ରଖି ଏଠାକାର ୮ଟି ବୁଥରେ ପୁଣି ଥରେ ମତଦାନ କରିବାକୁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଏପ୍ରିଲ ୨୪ ତାରଖରେ ଏଠାରେ ପୁଣିଥରେ ଭୋଟିଂ କରାଯିବ। ଏପ୍ରିଲ ୧୯ରେ ରାଜ୍ୟରେ ଏକକାଳୀନ ଲୋକସଭା ଓ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ତେବେ ଏହି ସମୟରେ କିଛି ମତଦାନ କେନ୍ଦ୍ରରେ ଅସଦାଚରଣ, ଭଙ୍ଗାରୁଜା, ଭୋଟ୍ ହିଂସା ଏବଂ ଇଭିଏମ୍ ଛଡ଼ାଇ ନେବାକୁ ଉଦ୍ୟମ କରାଯାଇଥିବା ଖବର ସାମ୍ନାକୁ ଆସିଥିଲା।

ଚାକିରି ଦୁର୍ନୀତିରେ ହାଇକୋର୍ଟଙ୍କ ରାୟ: ୨୪,୦୦୦ ଶିକ୍ଷକ ନିଯୁକ୍ତି ରଦ୍ଦ, ଦରମା ଫେରାଇବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୨୨/୪ : ପଶ୍ଚିମବଙ୍ଗ ସରକାରୀ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ମାମଲାରେ ଏକ ବଡ଼ ରାୟ ଶୁଣାଇଛନ୍ତି ରାଜ୍ୟ ଉଚ୍ଚ ନ୍ୟାୟାଳୟ। ଆଜି ଅଦାଲତ ଏ ଉପରେ ଶୁଣାଣି କରି ୨୦୧୬ ନିଯୁକ୍ତି ପ୍ୟାନେଲକୁ ସମ୍ପୂର୍ଣ୍ଣ ରୂପେ ବାତିଲ କରି ଦେଇଛନ୍ତି। ଯାହା ଫଳରେ ▶▶ପୃଷ୍ଠା ୭

ସିଆଚିନରେ ପହଞ୍ଚି ଯବାନଙ୍କୁ ଭେଟିଲେ ଓ ମନୋବଳ ବଢ଼ାଇଲେ ପ୍ରତିରକ୍ଷା ମନ୍ତ୍ରୀ

ନୂଆଦିଲ୍ଲୀ, ୨୨/୪ : ପ୍ରତିଶ୍ରୁତି ରକ୍ଷା କଲେ ପ୍ରତିରକ୍ଷା ମନ୍ତ୍ରୀ । ହୋଲିରେ ପହଁଚି ପାରିନଥିଲେ କିନ୍ତୁ ପ୍ରତିଶ୍ରୁତି ରକ୍ଷା କରି ସିଆଚିନରେ ଆଜି ପହଁଚି ଯବାନଙ୍କୁ ଭେଟିଛନ୍ତି ରାଜନାଥ ସିଂ । ଦୁନିଆର ସବୁଠୁ ଉଚ୍ଚ ଯୁଦ୍ଧକ୍ଷେତ୍ର କୁହାଯାଉଥିବା ୨୦ହଜାର ଫିଟ ଉଚ୍ଚ ସିଆଚିନରେ ପହଁଚି ଯବାନଙ୍କୁ ମିଠାଖୁଆଇ, ମନୋବଳ ବୃଦ୍ଧି କରିବା ସହ ସୁରକ୍ଷା ସ୍ଥିତି ପରଖିଛନ୍ତି ପ୍ରତିରକ୍ଷାମନ୍ତ୍ରୀ । ସୋମବାର ସକାଳୁ ସକାଳୁ ଦୁନିଆର ସବୁଠୁ ଉଚ୍ଚ ଯୁଦ୍ଧ ଭୂମିରେ ପହଁଚିଛନ୍ତି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ । ଭାରତ ମାତା କି ଜୟରେ କମ୍ପିଛି ପୂରା ସିଆଚିନ । ହୋଲିରେ ସିଆଚିନ ଗସ୍ତ ରଦ୍ଦ ହେବା ପରେ ଲେହରେ ପହଁଚି ଜବାନଙ୍କ ସହ ହୋଲି ଉତ୍ସବ ପାଳିଥିଲେ ରାଜନାଥ । ଆଉ ଏବେ ପୂର୍ବ ପ୍ରତିଶ୍ରୁତିକୁ ରକ୍ଷା କରି ସିଆଚିନରେ ଆଜି ପହଁଚିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ । ଯବାନଙ୍କୁ ଭେଟି ସୁରକ୍ଷା ସ୍ଥିତି ପରଖିବା ସହ ସେମାନଙ୍କୁ ମନୋବଳ ବୃଦ୍ଧି କରିଥିଲେ । ଏଥିସହ ଯବାନଙ୍କୁ ନିଜ ହାତରେ ▶▶ପୃଷ୍ଠା ୭

ସ୍ୱିପ୍ ଅଭିଯାନରେ ଭୋଟର ସଚେତନତା

ସୁବର୍ଣ୍ଣପୁର, ୨୨/୪ (ନି.ପ୍ର): ଜିଲାରେ ଭୋଟ ହାର ବୃଦ୍ଧି ତଥା ଶତପ୍ରତିଶତ ମତଦାନ ପାଇଁ ଜନସାଧାରଣ ଓ ନୂତନ ଯୁବ ଭୋଟର ମଧ୍ୟରେ ସଚେତନତା ସୃଷ୍ଟି ଉପରେ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଶାସନ ପକ୍ଷରୁ ସ୍ୱିପ୍ ଅଭିଯାନରେ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଉଛି। ବିଶେଷ କରି ଗ୍ରାମାଂଚଳ ଓ ସହରାଂଚଳରେ ପଥପ୍ରାନ୍ତ ନାଟକ, ଗୋଷ୍ଠୀ ବୈଠକ ଆୟୋଜନ, ସଚେତନତା ଶୋଭାଯାତ୍ରା କରାଯାଉଛି। ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସଚେତନତା ସଭା ସହ ନିର୍ବାଚନ ସମ୍ବନ୍ଧୀୟ ପୋଷ୍ଟର, ଚିତ୍ରାଙ୍କନ ଓ ବିଭିନ୍ନ ଶୈକ୍ଷିକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇ ସ୍ଥାନୀୟ ଯୁବ ତଥା ନୂତନ ମତଦାତାଙ୍କ ନିର୍ବାଚନରେ ସୁନିଶ୍ଚିତ ସାମିଲ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇ ସକ୍ରିୟ ଭୋଟର ଅଂଶଗ୍ରହଣ ଉପରେ ଆଲୋଚନା କରାଯାଉଛି।

ଏହି ପରିପ୍ରେକ୍ଷୀରେ ଆଜି ସୋନପୁର ଉପଜିଲ୍ଲାପାଳ ତଥା ରିଟର୍ଣ୍ଣିଙ୍ଗ ଅଧିକାରୀ, ୬୫-ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଶ୍ରୀ ସୁରଜ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନର ଅନ୍ତର୍ଗତ ସୋନପୁର ପୌରପରିଷଦ ଅଂଚଳରେ ଯୁବ ଭୋଟର, ଜିଲ୍ଲା ବଣିକ ସଂଘ ସଦସ୍ୟ, ବୁଦ୍ଧିଜୀବୀ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସରକାରୀ ଅଧିକାରୀ ପ୍ରମୁଖ ଶତାଧିକ 'ସ୍ୱିପ୍ ଅଭିଯାନ''ରେ ସାମିଲ ପୂର୍ବକ ବାଇକ ରାଲିରେ ବିଜୁ ପଟ୍ଟନାୟକ ଛକରୁ ବାହାରିଥିଲେ। ଏହି ରାଲିକୁ ଉପ ଜିଲ୍ଲାପାଳ ସୋନପୁର ସୁରଜ କୁମାର ପଟ୍ଟନାୟକ ସବୁଜ ପତାକା ପ୍ରଦର୍ଶନ ପୂର୍ବକ ଶୁଭାରମ୍ଭ କରିଥିଲେ। ଆଗକୁ ଜିଲ୍ଲାରେ ଶତ ପ୍ରତିଶତ ମତଦାନ ତଥା ନିରପେକ୍ଷ, ଅବାଧ ଓ ଶାନ୍ତି ଶୃଙ୍ଖଳା ସହ ନିର୍ବାଚନରେ ସାମିଲ ତଥା ସହଯୋଗ ପୂର୍ବକ ନିର୍ବାଚନକୁ ସଫଳ କରିବା ନିମନ୍ତେ ପ୍ରଶାସନ ତରଫରୁ ଆଗକୁ ସ୍ୱିପ ଅଭିଯାନ ରେ ୱାକାଥନ୍, ସାଇକେଲ ରାଲି, ଦସ୍ତଖତ ଅଭିଯାନ, ପୋଷ୍ଟକାର୍ଡ ମାଧ୍ୟମରେ ଚିଠି, 'ନିର୍ବାଚନ ପାଠଶାଳା'', ଦଳଗତ ସଚେତନତା ଭିଭିକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇ ଭୋଟରଙ୍କୁ ନିଜ ମତଦାନ ସାବ୍ୟସ୍ତ ପାଇଁ ଅନୁପ୍ରାଣୀତ କରିବା ଏବଂ ଗଣତାନ୍ତ୍ରିକ ରାଷ୍ଟ୍ରରେ ଗୋଟିଏ ଭୋଟର ମହତ୍ୱ ବାବଦରେ ବ୍ୟାପକ ଜନସଚେତନତା ସୃଷ୍ଟି ପାଇଁ 'ସ୍ୱିପ'' ଅଭିଯାନରେ ସାମିଲ ହେବାକୁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି। କାର୍ଯ୍ୟକ୍ରମ ଅବସରରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଇଂ ମନୋଜ କୁମାର ପଣ୍ଡା, ପୌରପରିଷଦର କର୍ମଚାରୀ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଆସିଷ୍ଟାଂଟ ଜିଲ୍ଲାପାଳ ନିର୍ବାଚନ ଅଜିତ କୁମାର ତ୍ରିପାଠୀ, ନିର୍ବାଚନ ସହାୟକ ନୀଳାମ୍ବର ଶତପଥୀ, ବଣିକ ସଂଘ ସଭାପତି ଧୀରେନ୍ଦ୍ର ପଟ୍ଟନାୟକ ତଥା ପ୍ରଶାସନିକ ସମ୍ପୃକ୍ତ ଅଧିକାରୀ, ସାମ୍ବାଦିକ ପ୍ରମୁଖ ସାମିଲ ଥିଲେ।

ଦେଓଗାଁ ବ୍ଲକରେ ଗୋପାଳଜୀଙ୍କ ପ୍ରତି ଆସ୍ଥା ପ୍ରକାଶ କଲେ ଜନସାଧାରଣ

ବଲାଙ୍ଗିର , ୨୨/୪ (ନି.ପ୍ର): ରାଜ୍ୟରେ ଏକ ଅପାରଗ ଓ କଥା କହୁଥିବା ସରକାର ଚାଲିଛି। ସରକାରୀ ଟଙ୍କାରେ ଦଳୀୟ ପ୍ରଚାର ଚାଲୁଛି। କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ଓଡିଶାରେ ଲାଗୁ କରା ନଯାଇ ସେଇ ଟଙ୍କାରେ କେବଳ ଛାପା ବଦଳାଇ ରାଜ୍ୟ ସରକାର ନିଜର ବାହାବା ନେଉଛନ୍ତି। ତେଣୁ ଓଡିଶାରେ ଡବଲ ଇଞ୍ଜିନ ସରକାର ଆସିବା ଦରକାର।ଗତ ୨୫ବର୍ଷର ନବୀନ ସରକାର ଅହଂକାରୀ ହୋଇଯାଇଛି।ତେଣୁଏଥର ଉଭୟ ରାଜ୍ୟ ଓ କେନ୍ଦ୍ର ରେ ବିଜେପି ର ସରକାର ଆଣିବା ପାଇଁ ବଲାଙ୍ଗିର ବିଧାନସଭା ପ୍ରାର୍ଥୀ ଗୋପାଳଜୀ ପାଣିଗ୍ରାହୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଦେଓଗାଁ ଓ ବଲାଙ୍ଗୀର ବ୍ଲକ ର କୁତୁର୍ଲା , କଅଗାଁ, ମୁରସିଂହ, ବରକାନୀ , କୁଡାସିଂହା ଅଞ୍ଚଳରେ ସାଧାରଣ ଜନତାଙ୍କ ସହ ଆଲୋଚନା ବେଳେ ଗୋପାଳଜୀ ଲୋକ ମାନଙ୍କୁ ସେମାନଙ୍କ ଦ୍ୱାରା ନିର୍ବାଚିତ ନେତା ମାନେ କିପରି ନିଜର ବ୍ୟବସାୟ ପାଇଁ ସାଧାରଣ ଜନତାଙ୍କୁ ମିଛ କହୁଛନ୍ତି ତାହା ବୁଝାଇଥିଲେ।ସ୍ଥାନୀୟ ଅଞ୍ଚଳର ବିକାଶ ପାଇଁ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ସେ ଆମରଣ ଅନଶନ ଓ ଜଳ ସତ୍ୟାଗ୍ରହ କରୁଥିବା ବେଳେ ପ୍ରକଳ୍ପ ରୁ କେବଳ ନିଜର ଫାଇଦା ଉଠାଇବାକୁ ଲାଗିପଡିଥିବା କଂଗ୍ରେସ ଓ ବିଜେଡି ନେତା ଏବେ ଏହି ପ୍ରକଳ୍ପ ର ଶ୍ରେୟ ନେବାକୁ ଲାଗି ପଡିଛନ୍ତି ।ତେଣୁ ଏପରି ରଂଗ ବଦଳାଉ ଥିବା ଓ ମିଛ କହୁଥିବା ଲୋକଙ୍କୁ ପ୍ରତ୍ୟାଖ୍ୟାନ କରିବାର ସମୟ ଆସିଛି ବୋଲିବେ ଲୋକଙ୍କୁ ନିବେଦନ କରିଛନ୍ତି।ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ର ଶ୍ରେୟ ବିସ୍ଥାପିତ ଲୋକଙ୍କର ଓ ବଲାଙ୍ଗୀର ର ଜନସାଧାରଣ ଙ୍କର ବୋଲି ଶ୍ରୀ ପାଣିଗ୍ରାହୀ କହିଥିଲେ। ଗୋପାଳଜୀ ଙ୍କ ପ୍ରଚାର ବେଳେ ସାଧାରଣ ଲୋକଙ୍କ ଆଗ୍ରହ ଓ ସମର୍ଥନ ବଢୁଥିବାରୁ ବିରୋଧୀ ଶିବିରରେ ଭାଲେଣି ପଡିଥିବା ଅନୁମାନ କରାଯାଉଛି।

ଓଡିଶା ସାମ୍ବାଦିକ ସଂଘ ପୁରୀ ପକ୍ଷରୁ ବଣଭୋଜି ଓ ବନ୍ଧୁମିଳନ

ପୁରୀ, ୨୨/୪ (ନି.ପ୍ର): ଆନ୍ତର୍ଜାତୀୟ ଓ ଜାତୀୟ ସ୍ତରର ସମ୍ବାଦିକ ସଂଘ ସହ ଅନୁବନ୍ଧିତ ରେଜିଷ୍ଟ୍ରିଭୁକ୍ତ ଓଡିଶା ସମ୍ବାଦିକ ସଂଘ (ଓଜେୟୁ) ପୁରୀ ଶାଖା ପକ୍ଷରୁ ପ୍ରାକୃତିକ ପରିବେଶରେ ଥିବା କୋଣାର୍କ ରାସ୍ତାର ନୂଆନଇ ଠାରେ ଆନନ୍ଦ ଉଲ୍ଲାସର ସହ ବଣଭୋଜି ଓ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ବିଜୟ କୁମାର ମିଶ୍ରଙ୍କ ଅଧକ୍ଷତାରେ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା । ଆସନ୍ତା ବିଧାନସଭା ଅଧିବେଶନରେ ସାମ୍ବାଦିକ ସୁରକ୍ଷା ଆଇନ ପାରିତ କରିବା ପାଇଁ ସଂଘ ଦାବି କରିଥିଲା । ସାମ୍ବାଦିକଙ୍କ ପାଇଁ ପେନସନ ବ୍ୟବସ୍ଥା ଓ ସ୍ୱାସ୍ଥ୍ୟବୀମା ଦଶ ଲକ୍ଷ ବୃଦ୍ଧି କରିବା ,ବସ ଓ ଟ୍ରେନ ପାସ ଯୋଗାଇଦେବାକୁ ଦାବି ହୋଇଥିଲା । ଖରା ତାତିରେ ତୀର୍ଥଯାତ୍ରୀ,ପର୍ଯ୍ୟଟକ ଓ ପଥଚାରୀ ମାନଙ୍କୁ ଦହି ସର୍ବତ ସହ ଟଙ୍କ ତୋରାଣୀ ବଂଟନ କରାଯିବ ବୋଲି ପ୍ରସ୍ତାବ ଆଗତ ହୋଇଥିଲା । ଏହି ବନ୍ଧୁମିଳନରେ ଜିଲ୍ଲା ସଂଘର ଉପଦେଷ୍ଟା ତଥା ତୀର୍ଥକ୍ଷେତ୍ରର ସମ୍ପାଦକ ଜ୍ୟୋତିପ୍ରକାଶ ଜେନା, ସଂଘର ସମ୍ପାଦକ ସୁଧାଂଶୁ ଶେଖର କର, କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର ସ୍ୱାଇଁ ସଦସ୍ୟା ରାଜଶ୍ରୀ ସାହୁ,ବନିତା ଦୀକ୍ଷିତ, ସଦସ୍ୟ ବିକ୍ରମ କେଶରୀ ଆଚାର୍ଯ୍ୟ, ସରୋଜ ମଲ୍ଲିକ, ସଞ୍ଜୟ କୁମାର ଅଗ୍ରୱାଲ, ପ୍ରଦୀପ ପ୍ରଧାନ, ଅନିମେଶ ପଟ୍ଟନାୟକ, ସତ୍ୟନାରାୟଣ ପଟ୍ଟନାୟକ, ଦିବ୍ୟରଞ୍ଜନ ବିଶୋଇ, ଶିବ ମହାପାତ୍ର, ଅନିଲ ପ୍ରଧାନ, ଅରୁଣ କୁମାରଙ୍କ ସମେତ ଅନେକ ସଭ୍ୟ ଉପସ୍ଥିତ ଥିଲେ । ଶେଷରେ ଅରୁଣ କୁମାର ଧନ୍ୟବାଦ ଅର୍ପଣ କରିଥିଲେ ।

ଘର ଘର ବୁଲି କଂଗ୍ରେସର ଗ୍ୟାରେଂଟି କାର୍ଡ ବଂଟନ

ଧର୍ମଶାଳା, ୨୨/୪ (ନି.ପ୍ର): କିଛି ଦିନ ପରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ । ଏବେଠାରୁ ରାଜନୈତିକ ଶିବିର ଚଳଚଂଚଳ ହୋଇପଡିଛି । ଏହି କ୍ରମରେ ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀ ରାଜନୈତିକ ଉଷ୍ମତା ବଢି ବଢି ଚାଲିଛି । ବିଶେଷ କରି ବିଜେପି, ବିଜେଡି ଓ କଂଗ୍ରେସ ଏହି ସାଧାରଣ ନିର୍ବାଚନ ପାଇଁ ପାର୍ଥୀଙ୍କ ନାମ ଘୋଷଣା କରିସାରିଛି । ଧର୍ମଶାଳା କଂଗ୍ରେସ ପାଇଁ ବରିଷ୍ଠ ନେତା କିଶାନ ପଣ୍ଡାଙ୍କୁ ପାର୍ଥୀ ଚୟନ କରିଛି । ବରିଷ୍ଠ ନେତା ସେମାନଙ୍କ ସମର୍ଥକମାନଙ୍କୁ ଏକତ୍ର କରି ପ୍ରତି ଘରଘର ବୁଲି କଂଗ୍ରେସର ଗ୍ୟାରେଂଟି କାର୍ଡ ନେଇ ଭୋଟରଙ୍କ ନିକଟରେ ପଂହଚି କଂଗ୍ରେସ ସପକ୍ଷରେ ଭୋଟ ଭିକ୍ଷା କରିଛନ୍ତି । ଅନ୍ୟ ପକ୍ଷେ ଦୃବଳ ଥିବା କଂଗ୍ରେସକୁ ପୁଣି ମୁଖ୍ୟ ସ୍ରୋତରେ ଆଣିବା ପାଇଁ ଦିନ ରାତି ଏକ କରି ଲାଗି ପଡିଛନ୍ତି । ଏହି କ୍ରମରେ ସେ ତାଙ୍କର ସମର୍ଥକଙ୍କ ସହ ମଙ୍ଗଳପୁର ପଂଚାୟତର ବିଭିନ୍ନ ୱାର୍ଡକୁ ଯାଇ ପୁରଖା କଂଗ୍ରେସର ନେତା ଓ କର୍ମୀମାନଙ୍କୁ ଭୋଟି ନିର୍ବାଚନରେ ମୁଖ୍ୟ ଭୂମିକା ନେବାକୁ ସମୟ ଆସିଥିବା ନେଇ ବରିଷ୍ଠ ନେତା ଶ୍ରୀ ପଣ୍ଡା ତାଙ୍କ ପ୍ରତିକ୍ରୀୟାରେ ପ୍ରକାଶ କରିଛନ୍ତି ।

କଂଗ୍ରେସର ଜନ ଆଶାର୍ବାଦ କାର୍ଯ୍ୟକ୍ରମ

ବଲାଙ୍ଗୀର, ୨୨/୪ (ନି.ପ୍ର): ଆଜି ମାରୱାଡି, ଗୁଜରାତି, ବିହାରୀ ଓ ସିନ୍ଧି ସମାଜର ବିଶିଷ୍ଟ ବ୍ୟକ୍ତିମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଆଗକୁ ନିର୍ବାଚନ, ଆମେ ସବୁବେଳେ ଚାହିଁବୁ ଯେ ଏହି ସମାଜର ଲୋକମାନେ ଏକ ଶାନ୍ତିପୂର୍ଣ୍ଣ ବାତାବରଣ ମଧ୍ୟରେ ବଲାଙ୍ଗୀରରେ ସହାବସ୍ଥାନ କରନ୍ତୁ କିନ୍ତୁ ଦୁଃଖର ବିଷୟ ଧିରେ ଧିରେ ଆମ ସହର ଖାଲି ହେବାରେ ଲାଗିଛି। ଏଠିକାର ଛାତ୍ର ଯୁବକ ଶିକ୍ଷା ହେଉ କି ରୋଜଗାର ପାଇଁ ହେଉ ସହର ଛାଡୁଛନ୍ତି। ବ୍ୟବସାୟୀମାନେ ଧିରେ ଧିରେ ବଲାଙ୍ଗିର ପ୍ରତି ବିମୁଖ ହେଉଛନ୍ତି। ଏହାର କାରଣ ଖୋଜିବାକୁ ପଡିବ। ଆପଣମାନେ ଦେଖିବେ ଗତ ୨୪ ବର୍ଷ ଭିତରେ ସରକାରମାନେ ଏ ଅଂଚଳର ଶିକ୍ଷା, ସ୍ୱାସ୍ଥ୍ୟ ଓ ଜଳସେଚନ ଯାହାକି ଅଂଚଳର ଅର୍ଥନୈତିକ କୁ ସମୃଦ୍ଧ କରିଥାଏ, ସେ କ୍ଷେତ୍ରରେ ବିକାଶ ପାଇଁ ଆନ୍ତରିକତା ଦେଖାଇ ନାହାନ୍ତି ତେଣୁ ଆମର ଲକ୍ଷ୍ୟ ହେବ ଏ ଅଂଚଳର ଯୁବକ, ଛାତ୍ର, ବ୍ୟବସାୟୀ ଯେପରି ଏହି ଅଂଚଳରେ ହିଁ ରହି ତାଙ୍କର ଶିକ୍ଷା ହେଉ କି ରୋଜଗାର ହେଉ କରିପାରିବେ ସେଥି ପାଇଁ ଏକ ଶାନ୍ତିପୂର୍ଣ୍ଣ ବାତାବରଣ ସହ ଅଂଚଳର ସମଗ୍ରୀକ ଅର୍ଥନୈତିକ ବିକାଶ ପାଇଁ ପଦକ୍ଷେପ ନେବା ମୋର ପ୍ରଥମ ଲକ୍ଷ୍ୟ ହେବ ବୋଲି ସ୍ଥାନୀୟ ସେଲିବ୍ରେସନ ହୋଟେଲ ପଛପଟ ପଡିଆରେ ଅନୁଷ୍ଠିତ ଜନ ଆଶିର୍ବାଦ ସମାରୋହରେ ସମରୋହ ଉପସ୍ଥିତ ଥିବା ଜାତିସମାଜର ଜନସାଧାରଣଙ୍କୁ କହିଛନ୍ତି। ଏହି ମର୍ମରେ ସେ ଆହୁରି ମଧ୍ୟ କହିଛନ୍ତି ଯେ ଆପଣମାନେ ଆଗାମୀ ନିର୍ବାଚନରେ ଏପରି ଏକ ଜନପ୍ରତିନିଧିକୁ ଆଶିର୍ବାଦ କରନ୍ତୁ ଯେ କି ଏ ମାଟିରେ ବଢିଥିବ, ଏ ମାଟିରେ ପଢିଥିବ, ଏ ମାଟିର ସମସ୍ୟା ଭୋଗିଥିବ ଓ ଜାଣିଥିବ ତାହା ହେଲେ ହିଁ ସେ ସମସ୍ୟା ସମାଧାନ କିପରି ହେବ ତାର ବାଟ ବାହାର କରିପାରିବ ବୋଲି ସମରେନ୍ଦ୍ର କହିଥିଲେ। ଆମ ଆଗରେ ଏପରି ପ୍ରତିଦ୍ୱନ୍ଦି ଅଛନ୍ତି ଯେଉଁମାନେ କି ମିଛ କହିବାର ଢେର ଅଭିଜ୍ଞତା ରଖିଛନ୍ତି। ନା ତାଙ୍କ ପାଖରେ ଦୂରଦୃଷ୍ଟି ଅଛି ନା ଲୋକଙ୍କ ପାଇଁ କିଛି ଭଲ କାମ କରିବାର ଅଭିଜ୍ଞତା ଅଛି। ତେଣୁ ଏପରି ନକରାତ୍ମକ ଅଭିଜ୍ଞତା ଥିବା ରାଜନେତାମାନେ ଯେଉଁମାନେ କି କେବଳ ନିର୍ବାଚନ ପୂର୍ବରୁ ବଲାଙ୍ଗିର କୁ ୬ ମାସ ପାଇଁ ଆସନ୍ତି ଓ ଲୋକଙ୍କୁ ଖଟ ମିଛ କହି ଭୋଟ ହତେଇବା ଅପଚେଷ୍ଟା କରିଥାନ୍ତି ସେମାନଙ୍କୁ ଆପଣମାନେ ଏହି ନିର୍ବାଚନରେ ବରଖାସ୍ତ କରନ୍ତୁ ବୋଲି ସମରେନ୍ଦ୍ର କହିଥିଲେ। ଜନ ଆଶିର୍ବାଦ ସଭାରେ ମାନ୍ୟବର ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଉପସ୍ଥିତ ବିଭିନ୍ନ ଜାତି ସମାଜକୁ ସମରେନ୍ଦ୍ରଙ୍କୁ ଆଶିର୍ବାଦ ପ୍ରଦାନ ପାଇଁ ଅନୁରୋଧ କରିବା ସହ ସେ ଗତ ୧୦ ବର୍ଷରେ ହୋଇଥିବା ବିଭିନ୍ନ ପ୍ରକଳ୍ପ ଅଗ୍ରଗତିକୁ ଏଠିକାର ରାଜପରିବାର କିପରି ପ୍ରତିବନ୍ଧକ ସୃଷ୍ଟି କରିଥିଲେ ତାର ସୂଚନା ଦେଇଥିଲେ। ନିଜେ ମରିବା ପର୍ଯ୍ୟନ୍ତ ରାଜନୀତି ଛାଡିବେ ନାହିଁ ବୋଲି କହିବା ସହ ଆଗାମୀ ଦିନରେ ବଲାଙ୍ଗିର ପାଇଁ କିଛି ଶିଳ୍ପ ନିଶ୍ଚିତ ଭାବରେ ଅଣାଯିବ ବୋଲି ଦୃଢକ୍ତି ପ୍ରକାଶ କରିଥିଲେ। ଗତ ୧୦ ବର୍ଷର ସମୟ ନିଶ୍ଚିତ ଭାବରେ ସହରରେ ରହୁଥିବା ଏହି ଜାତି ସମାଜମାନେ ଶାନ୍ତିପୂର୍ଣ୍ଣ ଭାବରେ ନିଜ ନିଜର ଜିବନ ଯାପନ କରି ନିଜର ଜିବିକା ନିର୍ବାହ କରିପାରିବେ ସେ ଦିଗରେ ଆମେ ନିଶ୍ଚିତ ଯତ୍ନବାନ ହେବୁ ବୋଲି କହିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସିନ୍ଧିସମାଜ ସଭାପତି ଗିରିଧାରୀ ବାଗୱାନି, ସଭାପତି ଗୁଜୁରାତି ସମାଜ ଗଜେନ୍ଦ୍ର ଭମର, ବିହାରୀ ସମାଜ ସଭାପତି ଶ୍ରୀବାସ୍ତବଜୀ, ମାରୱାଡି ସମାଜ ସଭାପତି ମନୋଜ ଜୈନ ପ୍ରମୁଖ ମଂଚାସିନ ରହି ନିଜ ନିଜ ସମାଜ ତରଫରୁ କଂଗ୍ରେସ ଦଳର ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ରଙ୍କୁ ସମୁହ ଆଶିର୍ବାଦ ପ୍ରଦାନ କରିଥିଲେ।

ଶ୍ରୀମନ୍ଦିରରେ ଦୟଣା ଚୋରି ନୀତି

ପୁରୀ, ୨୨/୪ (ନି.ପ୍ର): ଶ୍ରୀମନ୍ଦିରରେ ଆଜି ଅନୁଷ୍ଠିତ ହୋଇଛି ଶ୍ରୀଜୀଉଙ୍କ ଦୟଣା ଚୋରି ନୀତି । ଶ୍ରୀଜୀଉଙ୍କ ପାଇଁ ବାଙ୍ଗାଲୁରୁରୁ ଆସିଥିଲା ଦୟଣା । କାଳିଆ ସାଆନ୍ତଙ୍କ ମସ୍ତକରେ ଲାଗିହୋଇଛି ଏହି ଦୟଣା ସାଙ୍ଗକୁ ସୁଗନ୍ଧିତ ପୁଷ୍ପ । ସେପଟେ ଜମୁଛି ସାହିଯାତ । ପୁରୀର ପ୍ରସିଦ୍ଧ ସାହିଯାତ ରାମ ନବମୀ ଠାରୁ ଆରମ୍ଭ ହୋଇଛି । କାଳୀକା ଦେବୀ ସାହିରୁ ସାହିଯାତରେ ରାମ ଲକ୍ଷ୍ମଣ ବେଶଧାରୀ ମାନେ ବାହାରି ଥିଲେ । ପରେ ବିଭିନ୍ନ ସାହିର ଆଖଡ଼ା ଭିନ୍ନ ଭିନ୍ନ ଦିନ ଅନୁଷ୍ଠିତ ହେଉଛି । ବୀର ବାଦ୍ୟର ତାଳେ ତାଳେ ଦୁଲୁକି ଉଠୁଛି ସାହି ଦାଣ୍ଡ। ନାଗା ବେଶଧାରୀ ମାନଙ୍କ ସମର କଳା ଏଥିରେ ପ୍ରଦର୍ଶିତ ହେଉଛି ।

ଆମ୍ବେଦକର ଜୟନ୍ତୀ ପାଳିତ

କୋରେଇ, ୨୨/୪ (ନି.ପ୍ର): ବାବା ସାହେବ ଆମ୍ବେଦକର ଆଧୁନିକ ଭାରତର ନିର୍ମାତା। ତାଙ୍କର ୧୩୩ ତମ ଜୟନ୍ତୀ ଉପଲକ୍ଷେ ଭୁବନେଶ୍ୱର ପୁର ପଂଚାୟତ ଯମୁନା ଗ୍ରାମର ଆମ୍ବେଦକର ରାଇଟ କ୍ଲବ ପକ୍ଷରୁ ମହାସମାରୋହରେ ପାଳିତ ହୋଇଛି। ଏହି ଜୟନ୍ତୀ ଭାରତବର୍ଷ ଶାସନ ଖସଡ଼ା ପ୍ରସ୍ତୁତ କରି ବିଶ୍ୱର ସର୍ବବୃହତ ରାଷ୍ଟ୍ରକୁ ଏକ ଧର୍ମନିରପେକ୍ଷ, ଗଣତାନ୍ତ୍ରିକ, ମୂଲ୍ୟବୋଧ, ସମତା, ସ୍ୱତନ୍ତ୍ରତା, ନ୍ୟାୟ ବନ୍ଧୁତା ଓ ଭାତୃତ୍ୱ ବନ୍ଧନରେ ଆବଦ୍ଧ କରି ନାଗରିକ କର୍ତବ୍ୟ ଓ ଦାୟିତ୍ୱ ସହ ଅଧିକାର ଦେଇଥିଲେ। ସାମାଜିକ କୁଂସ୍କାର ଉଚ୍ଛେଦ, ଜମିଦାରୀ ଓ ରାଜତନ୍ତ୍ର ଲୋପ ସହ ଶିକ୍ଷା, ଧର୍ମ, ସ୍ୱାସ୍ଥ୍ୟ ସ୍ୱର ସହ ମୁକ୍ତ ଓ ଗୁପ୍ତ ମତଦାନ ଅଧିକାର ଦେଇଥିଲେ। ତାଙ୍କ ପାଇଁ ଦ୍ରୁତ ଆର୍ଥିକ ବିକାଶ, ଶ୍ରମିକ କଲ୍ୟାଣ ଓ ମହିଳାଙ୍କୁ ସମାନ ଅଧିକାର ପ୍ରଦାନ କରି ହଜାର ହଜାର ବର୍ଷର ପାରମ୍ପରିକ ରୁଢ଼ିବାଦ ବ୍ୟବସ୍ଥା ବିଲୁପ୍ତ କରି ନୂଆ ଅଧୁନିକ ଭାରତ ଗଢ଼ିବାରେ ସେ ନିର୍ମାତା ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷାବିତ୍ ବାଇଧର ମଲ୍ଲିକଙ୍କ ସଂଯୋଜନାରେ ଏହି ସମାରୋହ ସଭାରେ ମୂଳନିବାସୀ ୟୁନାଇଟେଡର ଫୋରମର ରାଜ୍ୟ କାର୍ଯ୍ୟକାରୀ ଅଧକ୍ଷ ମନୋରଂଜନ ଜେନା, ଆମ ବିକାଶ ପାର୍ଟି ରାଜ୍ୟ ସମ୍ପାଦକ ବଜେନ୍ଦ୍ର ମଲ୍ଲିକ, ବ୍ରଜଭାଇ, ଦଳିତ ଅଧିକାର ମଂଚ ସଂଯୋଜକ ପ୍ରଶାନ୍ତ ମଲିକ, ଆମ୍ବେଦକର ଫାଉଣ୍ଡେସନ ସଭାପତି ସୁରେନ୍ଦ୍ର ମଲିକ, ଉପଦେଷ୍ଟା କାର୍ତିକ ମଲିକ, ମୂଳ ନିବାସୀ ଯୁବ ଛାତ୍ର ସଂଯୋଜକ ନିଲୁ ଦାସ, ଆମ୍ବେଦକର ରାଇଟ କ୍ଲବ ସଭାପତି କାର୍ତିକ ଜେନା, ଜଗେଶ୍ୱର ଜେନା ପ୍ରମୁଖ ଉପସ୍ଥିତ ହୋଇ ମତବ୍ୟକ୍ତ କରିଥିଲେ। ଶେଷରେ ନନ୍ଦ କିଶୋର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ପଟ୍ଟନାୟକଙ୍କ ୯ମ ସ୍ମୃତି ଉତ୍ସବ ପାଳିତ

କେନ୍ଦ୍ରାପଡ଼ା, ୨୨/୪ (ନି.ପ୍ର): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ଆସାମର ପୂର୍ବତନ ରାଜ୍ୟପାଳ, ବିଶିଷ୍ଟ ରାଜନୀତିଜ୍ଞ, ସୁବକ୍ତା ତଥା ବାଗ୍ମୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ନବମ ବାର୍ଷିକ ସ୍ମୃତିଉତ୍ସବ କେନ୍ଦ୍ରାପଡ଼ାରେ ପାଳନ ହୋଇଯାଇଛି । ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି ପରିଷଦ କେନ୍ଦ୍ରାପଡ଼ାଙ୍କ ଦ୍ୱାରା ଆୟୋଜିତ ଏହି ଶ୍ରାଦ୍ଧ ଦିବସରେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା ଅଧକ୍ଷତା କରିଥିବାବେଳେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହା ବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପ୍ରଫେସର ନନ୍ଦକିଶୋର ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସମ୍ବର୍ଦ୍ଧିତ ପ୍ରତିଭା ଶତ୍ରୁଘ୍ନ ପାଣ୍ଡବ ଓ ସୁ-ସାହିତ୍ୟିକ ପ୍ରକାଶ କୁମାର ପରିଡ଼ାଙ୍କୁ ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇ ଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପ୍ରଫେସର ଅଜୟ ସାମଲ, ପୂର୍ବତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀ, ଗୟାଧର ଧଳ, ରମଣୀ ରଞ୍ଜନ ରାଉତରାୟ, ପ୍ରଫୁଲ୍ଲ କୁମାର ଦାସ, ସୌମେନ୍ଦ୍ର ପୃଷ୍ଟି, ସମ୍ବିତ ଶ୍ରୀଚନ୍ଦନ, ମିର ମୁରସିଦ୍, କମଳାକାନ୍ତ ବେହେରା,

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ମଙ୍ଗଳବାର, ୨୩ ଏପ୍ରିଲ ୨୦୨୪

ଶରୀରରେ ପ୍ରୋଟିନ୍ ଅଭାବ ହେଲେ ଉପୁଜିପାରେ ଅନେକ ସମସ୍ୟା: ଏହି ସବୁ ଖାଦ୍ୟ ଖାଇବା ଭଲ

ପ୍ରୋଟିନ୍ ଜଣେ ମଣିଷ ଶରୀର ପାଇଁ କେତେ ଆବଶ୍ୟକ ତାହା କହିବା ଜରୁରୀ ନୁହେଁ। ଶରୀରରେ ପ୍ରୋଟିନ୍‌ର ଅଭାବ ରହିଲେ ଭିନ୍ନ ଭିନ୍ନ ଧରଣର ରୋଗ ସୃଷ୍ଟି ହୋଇଥାଏ। ଶରୀର ଦୈନିକ ପ୍ରୋଟିନ୍ ଆବଶ୍ୟକ କରୁଥାଏ। ଯଦି ଆପଣ ଦୈନିକ କିଛି ନା କିଛି ପ୍ରୋଟିନ୍ ଜାତୀୟ ଖାଦ୍ୟ ଖାଉନାହାନ୍ତି ତେବେ ଆପଣଙ୍କ ଶରୀର ଅସୁସ୍ଥ ହେବା ପାଇଁ ବିଶେଷ ସମୟ ନେବ ନାହିଁ।

ଯଦି ଆପଣ ବ୍ୟାୟ୍ୟାମ କଲା ବେଳେ ବା ଦୌଡ଼ଧାଆଁ କରିବା ବେଳେ ଯନ୍ତ୍ରଣା ଅନୁଭବ କରୁଛନ୍ତି ତେବେ ନିଶ୍ଚିତ ହୁଅନ୍ତୁ ଯେ ଆପଣଙ୍କ ଶରୀରରେ ପ୍ରୋଟିନ୍‌ର ଅଭାବ ରହିଛି। ଶରୀରକୁ ଯେତିକି ପରିମାଣର ପ୍ରୋଟିନ୍ ଦରକାର ସେତିକି ପରିମାଣର ନାହିଁ।

ନିଦ ନ ହେବା ସମସ୍ୟା ବି ପ୍ରୋଟିନ୍ ଅଭାବ ସହ ଯୋଡ଼ା। ଶରୀରରେ ପ୍ରୋଟିନ ଭାଗ କମ୍ ଥିଲେ ନିଦ ନହେବା, ଭୋକ ମରିଯିବା ଏବଂ ଚିଡ଼ିଚିଡ଼ା ଲାଗିବା ଆଦି ସମସ୍ୟା ଦେଖା ଯାଇଥାଏ।

ଯଦି ଆପଣଙ୍କ ଶରୀରରେ କୋଲେଷ୍ଟ୍ରଲ୍ ସ୍ତର ବୃଦ୍ଧି ପାଉଛି ବା ହରମନ ଅସନ୍ତୁଳନ କିମ୍ବା ଅଧିକ ଶର୍କରା ଭାଗ ଦେଖା ଦେଉଛି ତାହେଲେ ବି ନିଶ୍ଚିତ ହୁଅନ୍ତୁ ଯେ ଆପଣଙ୍କ ଶରୀରରେ ପ୍ରୋଟିନ୍ ଭାଗ କମ୍ ଅଛି।

ଯଦି ଆପଣଙ୍କ ଶରୀର କୌଣସି କ୍ଷତ ସୁଖିବା ପାଇଁ ସମୟ ନେଉଛି ତାହାଲେ ଜାଣିରଖନ୍ତୁ ଯେ ଶରୀରରେ ପ୍ରୋଟିନ୍ ଭାଗ କମ୍ ଅଛି।

ଅଚାନକ ଓଜନ ବୃଦ୍ଧି ପାଇବା ବି ପ୍ରୋଟିନ୍ ଅଭାବର ଲକ୍ଷଣ। ପ୍ରୋଟିନ୍ ଅଭାବ ଥିଲେ ଉଭୟ ସ୍ୱାସ୍ଥ୍ୟ କମିଥାଏ ନଚେତ ବଢ଼ିଥାଏ।

ଆପଣଙ୍କ ସୂଚନା ସକାଶେ ଜଣାଇ ଦେଉଛୁ ଯେ ଜଣେ ପୁରୁଷ ଶରୀର ପାଇଁ ୫୬ ଗ୍ରାମ ଏବଂ ମହିଳା ଶରୀର ପାଇଁ ୪୬ ଗ୍ରାମ ପ୍ରୋଟିନ୍ ଆବଶ୍ୟକ ହୋଇଥାଏ। ଆପଣ ନିଜ ଶରୀରରେ ପ୍ରୋଟିନ୍ ପରିମାଣ ବଢ଼ାଇବା ପାଇଁ ଦୁଗ୍ଧ ଜାତୀୟ ସମସ୍ତ ଖାଦ୍ୟ ଯେପରିକି ଅଣ୍ଡା, ସିମ୍ବ, ପୋଇ, ମଟର ଛୁଇଁ ଆଦି ଖାଆନ୍ତୁ।

ସବୁକଥା ବନ୍ଧୁଙ୍କୁ କହିବେନି

ସବୁବେଳେ ନିଜ ସମ୍ପର୍କକୁ ସିମ୍ପଲ ରଖିବା ଭଲ ହେବ। ସମ୍ପର୍କରେ ସମସ୍ତ ସୁଖଦ ମୁହୂର୍ତ୍ତକୁ ବନ୍ଧୁମାନଙ୍କ ସହ ସେୟାର କରିବା ଦ୍ୱାରା ବେଳେବେଳେ ସେମାନେ ଈର୍ଷା କରିପାରନ୍ତି ଆଉ ସମ୍ପର୍କରେ ଥିବା ସମସ୍ୟା ବିଷୟରେ ସେୟାର କଲେ ସେମାନେ କୌଣସି ବିଷୟବସ୍ତୁକୁ ନେଇ ହସି ପାରନ୍ତି। ସାଥୀଙ୍କ ସହ ଆପଣଙ୍କ ଜୀବନ କେତେ ଭଲ କେତେ ଖରାପ ତାହା ବନ୍ଧୁଙ୍କ ସହ ଆଲୋଚନା କରିବାରେ କମିଛି ମାନେ ନାହିଁ। ସାଥୀଙ୍କ ସହ ଝଗଡ଼ା ହେବା ପରେ ଆପଣ ଆପଣଙ୍କ ଦୁଃଖକୁ କାହା ସହ ନିଶ୍ଚିତ ସେୟାର କରିବାକୁ ଭାବୁଥିବେ। କିନ୍ତୁ ଏହା ସତଯେ, ଆପଣ ସାଥୀଙ୍କ ସହ କ'ଣ ଝଗଡ଼ା ହେଉଛି ସେ ବିଷୟରେ ବନ୍ଧୁଙ୍କ ସହ ଆଲୋଚନା କରିବା କିଛି ମାନେ ନାହିଁ। ଯଦି ସାଥୀଙ୍କ ଆର୍ଥିକ ସ୍ଥିତି ଭଲ ନାହିଁ ତ ଭଲ ହେବ, କିନ୍ତୁ ଏ ବିଷୟରେ ଆପଣ ପ୍ରଥମେ ତାଙ୍କ ସହ ହିଁ ଆଲୋଚନା କରନ୍ତୁ। କିନ୍ତୁ ଅନ୍ୟ କାହାଦ୍ୱାରା ଆଲୋଚନା କରିବା ଦ୍ୱାରା ସମ୍ପର୍କ ଆଦୌ ଭଲ ରହିବ ନାହିଁ। ସାଥୀଙ୍କ ସହ କୌଣସି ସମସ୍ୟାକୁ ଆପଣଙ୍କ ବାପା ମା' କିମ୍ବା ଭଉଣୀଙ୍କ ସହ ସେୟାର କରିପାରିବେ, କିନ୍ତୁ ବନ୍ଧୁଙ୍କୁ ଏହା ଭିତରକୁ ନଆଣିବା ଠିକ୍ ହେବ।

ମହିଳାମାନଙ୍କ ଅପେକ୍ଷା ପୁରୁଷଙ୍କ ପାଇଁ ଏହି ରୋଗ ଅଧିକ ବିପଜ୍ଜନକ: ତେଣୁ ଏବେଠୁ ସାବଧାନ

ପୁରୁଷ ଓ ମହିଳାଙ୍କ ଶରୀର ଅନେକ କ୍ଷେତ୍ରରେ ଅଲଗା, ତେଣୁ ସେମାନଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ମଧ୍ୟ ଭିନ୍ନ ହୋଇପାରେ। ରୋଗ ଯେତେ ଦୂର, ଏହି ଉଭୟ ଲିଙ୍ଗକୁ ନିଜ ନିଜ ଉପାୟରେ ସତର୍କ ରହିବାକୁ ପଡିବ ନଚେତ୍ ସ୍ୱାସ୍ଥ୍ୟ କ୍ଷତିଗ୍ରସ୍ତ ହୋଇପାରେ। ତଥାପି, କେତେକ ରୋଗ ଏପରି ଯେ ପୁରୁଷଙ୍କ ଅପେକ୍ଷା ପୁରୁଷମାନେ ଅଧିକ ପ୍ରଭାବିତ ହୁଅନ୍ତି। ଆସନ୍ତୁ ଆଜି ସେଗୁଡ଼ିକ ଉପରେ ନଜର ପକାଇବା।

ଉଦାସୀନତା: ସାଧାରଣତଃ ବିଶ୍ୱାସ କରାଯାଏ ଯେ ମହିଳାମାନେ ଭାବପ୍ରବଣ ଅଟନ୍ତି, କିନ୍ତୁ ଉଦାସୀନତାର ସମସ୍ୟା ସେମାନଙ୍କ ଅପେକ୍ଷା ପୁରୁଷମାନଙ୍କଠାରେ ଅଧିକ ଦେଖାଯାଏ। ଏହାର କାରଣ ହେଉଛି ମହିଳାମାନେ ସେମାନଙ୍କର ସମସ୍ୟାକୁ ଅଧିକ ପ୍ରକାଶ କରୁଥିବାବେଳେ ପୁରୁଷମାନେ ସେମାନଙ୍କର ଭାବନାକୁ ଲୁଚାନ୍ତି, ଯେଉଁଥିପାଇଁ ସେମାନେ ଭିତରକୁ ଚାପି ହୋଇଯାଆନ୍ତି। ଏହା ଭଲ ଯେ ଯେତେବେଳେ ବି ତୁମେ ବିରକ୍ତ ହୁଅ, ତେବେ ନିଶ୍ଚିତ ଭାବରେ ତୁମର ଘନିଷ୍ଠ ବ୍ୟକ୍ତିଙ୍କ ସହିତ ଏହି ବିଷୟ ସେୟାର କରନ୍ତୁ, ଏହା ଟେନସନ ଏବଂ ଚାପକୁ ଦୂର କରିପାରିବ।

ହୃଦ୍ ?ରୋଗ: ମହିଳାମାନଙ୍କ ଅପେକ୍ଷା ପୁରୁଷମାନଙ୍କଠାରେ ଅଧିକାଂଶ ହୃଦୟ ସମ୍ବନ୍ଧୀୟ ରୋଗର ଆଶଙ୍କା ଅଧିକ ଥାଏ, କାରଣ ପୁରୁଷମାନେ ଅଧିକ କୋଲେଷ୍ଟ୍ରଲ୍ ସ୍ତର ଦ୍ୱାରା ଅଧିକ ଅସୁବିଧାରେ ପଡ଼ନ୍ତି, ତେଣୁ ସମୟ ସମୟରେ ଆପଣଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିବା ଗୁରୁତ୍ୱପୂର୍ଣ୍ଣ।

ମଧୁମେହ: ପୁରୁଷଙ୍କ ତୁଳନାରେ ପୁରୁଷମାନେ ଅଧିକ ତେଲିଆ ଜିନିଷ ଖାଇଥା'ନ୍ତି, ଯେଉଁ କାରଣରୁ ସେମାନଙ୍କର କୋଲେଷ୍ଟ୍ରଲ ସ୍ତର ବଢିଯାଏ ଯାହା ପରେ ମଧୁମେହର କାରଣ ହୋଇଯାଏ। ସେଥିପାଇଁ ଏହା ଜରୁରୀ ଯେ ଆପଣ କେବଳ ସୁସ୍ଥ ଖାଦ୍ୟ ଖାଆନ୍ତୁ ଏବଂ ନିୟମିତ ଭାବରେ ରକ୍ତରେ ଶର୍କରା ସ୍ତର ଯାଞ୍ଚ କରନ୍ତୁ।

ଯକୃତ ରୋଗ: ଯଦି ଆପଣ ଏହାକୁ ଦେଖନ୍ତି, ତେବେ ଆପଣ ଦେଖିବେ ଯେ ମହିଳାମାନଙ୍କ

ଅପେକ୍ଷା ପୁରୁଷମାନଙ୍କଠାରେ ମଦ୍ୟପାନର ନିଶା ଅଧିକ ଦେଖାଯାଏ, ଯେଉଁଥିପାଇଁ ସେମାନଙ୍କର ଯକୃତ ଅଧିକ ପ୍ରଭାବିତ ହୁଏ ଏବଂ ଏହି ଅଙ୍ଗ ସମ୍ବନ୍ଧୀୟ ରୋଗର ଆଶଙ୍କା ବଢିଯାଏ।

ଫୁସଫୁସ ରୋଗ: ପ୍ରାୟତଃ ଆପଣ ନିଶ୍ଚିତ ଭାବରେ ଦେଖିଥିବେ ଯେ ପୁରୁଷମାନେ ମହିଳାଙ୍କ ଅପେକ୍ଷା ଅଧିକ ଧୂମପାନ କରନ୍ତି ଏବଂ ଘରୁ ବାହାରକୁ ଯିବା କାରଣରୁ ସେମାନେ ଧୂଳି ଏବଂ ପ୍ରଦୂଷଣର ଶିକାର ହୁଅନ୍ତି, ଏପରି ପରିସ୍ଥିତିରେ ପୁରୁଷମାନେ ମଧ୍ୟ ଫୁସଫୁସ ରୋଗରେ ଆକ୍ରାନ୍ତ ହୁଅନ୍ତି।

ରାତିରେ କ୍ଷୀର ବଦଳରେ ପିଅନ୍ତୁ ଏହି ଡ୍ରିଙ୍କ୍: ଶୀଘ୍ର ହ୍ରାସ ପାଇବ ଓଜନ

ଗ୍ରୀନ୍ ଟି ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ । ଓଜନ ହ୍ରାସ କରିବାରେ ଏହା ବହୁତ ଉପଯୋଗୀ । ଯଦି କାହାରି ଓଜନ ବଢ଼ିଯାଉଛି, ତେବେ ସେମାନେ ଗ୍ରୀନ୍ ଟି ସେବନ କରିପାରିବେ । ଗ୍ରୀନ୍ ଟି ପିଇବା ଦ୍ୱାରା ଓଜନ ନିୟନ୍ତ୍ରଣ ହୋଇଥାଏ । ଯଦି ଗ୍ରୀନ୍ ଟି ସଠିକ୍ ଭାବରେ ବ୍ୟବହୃତ ହୁଏ, ଓଜନ ହ୍ରାସ କରିବାରେ ଏହା ଅତ୍ୟନ୍ତ ପ୍ରଭାବଶାଳୀ



ହୁଏ । ଏହାର ପ୍ରତିକାର ପାଇଁ ସଠିକ୍ ଉପାୟ ବିଷୟରେ ଆସନ୍ତୁ ଜାଣିବା...

କେବେ ଗ୍ରୀନ୍ ଟି ପିଇବା ଉଚିତ୍ :

ଗ୍ରୀନ୍ ଟି'ର ଉପଯୁକ୍ତ ଲାଭ ପାଇବାକୁ ହେଲେ ରାତିରେ ଏହାର ସେବନ କରିବା ଉଚିତ୍ । ରାତ୍ରୀ ଭୋଜନ ପରେ ଗ୍ରୀନ୍ ଟି ପିଇବା ଓଜନ ହ୍ରାସ କରିବାରେ ସାହାଯ୍ୟ କରେ । ଯଦି ଆପଣ ଓଜନ ହ୍ରାସ କରିବାକୁ ଚାହାଁନ୍ତି, ତେବେ ରାତ୍ରି ଭୋଜନ କରିବାର ପ୍ରାୟ ୧ ରୁ ୧.୫ ଘଣ୍ଟା ପରେ ଏହାକୁ ପିଅନ୍ତୁ । ଏହା ପରେ କିଛି ଖାଇବା ଉଚିତ୍ ନୁହେଁ । ଏହାର ନିୟମିତ ବ୍ୟବହାର ଆପଣଙ୍କୁ ଓଜନ ହ୍ରାସ କରିବାରେ ସାହାଯ୍ୟ କରିବ ।

ଗ୍ରୀନ୍ ଟି ତିଆରି କରିବା ପାଇଁ ଏକ କପ୍ ପାଣିକୁ ସସପେନରେ ପୂରାଇ ଫୁଟାନ୍ତୁ । ଏହାପରେ ଫୁଟୁଥିବା ପାଣିରେ ପାଉଡର କିମ୍ବା ଗ୍ରୀନ୍ ଟି ପତ୍ର ମିଶାନ୍ତୁ । ଏହାକୁ ପ୍ରାୟ ୩ରୁ ୪ ମିନିଟ୍ ଫୁଟାଇବା ପରେ ଗ୍ୟାସ୍ ବନ୍ଦ କରନ୍ତୁ । ବର୍ତ୍ତମାନ ଏହି ଟି'କୁ ଛାଣି ଦିଅନ୍ତୁ । ରାତ୍ରୀ ଭୋଜନ ପରେ ଆପଣ ଏହାକୁ ବ୍ୟବହାର କରିପାରିବେ ।

ଗ୍ରୀନ୍ ଟି କିପରି କାମ କରେ ?

କଫିନ୍ ଏବଂ କ୍ୟାଟେଚିନ୍ ନାମକ ଉପାଦାନ ଗ୍ରୀନ୍ ଟିରେ ମିଳିଥାଏ, ଯାହା ମେଟାବୋଲିଜିମ୍ କୁ ବୁଷ୍ଟ କରିଥାଏ । ଯାହା ଆପଣଙ୍କ ଚର୍ବି କମାଇବାରେ ସାହାଯ୍ୟ କରେ । ଗ୍ରୀନ୍ ଟି'ରୁ ଓଜନ ହ୍ରାସ କରେ ପାଇବା ସହ ଶରୀରର ମାସ ଇଣ୍ଟେକ୍ସ ମଧ୍ୟ ହ୍ରାସ ପାଏ । ଏହା ଶରୀରର ଶକ୍ତି ମଧ୍ୟ ବଢ଼ାଇଥାଏ

ପ୍ରଭାବିତ ହେଉଛି ପର୍ଯ୍ୟଟନ

କିଛି ମାସ ତଳେ ବିଶ୍ୱର ପ୍ରମୁଖ ରାଷ୍ଟ୍ରରେ ପର୍ଯ୍ୟଟକଙ୍କ ଭିଡ଼ ଜମି ରହୁଥିଲା । ବର୍ତ୍ତମାନର ଦୃଶ୍ୟ କିନ୍ତୁ ବଦଳିଯାଇଛି । ପୁନର୍ବାର କେବେ ପର୍ଯ୍ୟଟକଙ୍କ ଭିଡ଼ ବଢ଼ିବ, ତାହା ଅନୁମାନ କରିବା କଷ୍ଟକର । ରାଷ୍ଟ୍ର ସମୂହ ଅନ୍ତର୍ଜାତୀୟ ଉଡ଼ାଣ ନିମନ୍ତେ ଅନୁମତି ଦେବା ସତ୍ତ୍ୱେ ଜନସାଧାରଣ କିନ୍ତୁ ଚିନ୍ତିତ ରହିବେ । ଅଧିକାଂଶ ରାଷ୍ଟ୍ର ପର୍ଯ୍ୟଟନ ଜରିଆରେ ଲାଭବାନ୍ ହୋଇଥାନ୍ତି । ମିଳିଥିବା ତଥ୍ୟ ଅନୁସାରେ, ବିଦେଶୀ ରାଇଜରେ ଅନେକ କଡ଼ାକଡ଼ି ନିୟମମାନ କୋହଳ କରାଗଲାଣି । ପୂର୍ବ ପରି କିନ୍ତୁ ଜନସମାଗମ ଏତେ ମାତ୍ରାରେ ଦେଖିବାକୁ ମିଳୁନି । ବିଶ୍ୱର ୮୧ ପ୍ରତିଶତ ପର୍ଯ୍ୟଟନ କମ୍ପାନୀଗୁଡ଼ିକର ରୋଜଗାର ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି । ଏମାନଙ୍କ ମଧ୍ୟରୁ ଅଧିକାଂଶ କର୍ମଚାରୀ ଛଟେଇ କରିଥିବା ବେଳେ ଗତ ୨ ମାସ ମଧ୍ୟରେ ବେତନ ଦେବାରେ ଅସମର୍ଥ ବୋଲି ଘୋଷଣା କରିଥିଲେ । ଆମ ଦେଶରେ ମଧ୍ୟ ଏଇ ପର୍ଯ୍ୟଟନ କାରଣରୁ ଶତାଧିକ କମ୍ପାନୀ ଲାଭବାନ ହେଉଥିଲେ । ଶିମଲା, ମନାଲି, ନୈନିତାଲ, ଦାର୍ଜିଲିଂ, ଗ୍ୟାଙ୍ଗଟକ୍ ଆଦି ସ୍ଥାନର ଲୋକ ପର୍ଯ୍ୟଟନ କାରଣରୁ ରୋଜଗାର କରୁଥିଲେ । ଏବେ ସେଠା ଲୋକ ହାତ ବାନ୍ଧି ବସିଛନ୍ତି । ରୋଜଗାରର ଅନ୍ୟ କୌଣସି ଉପାୟ ନାହିଁ । ଦାର୍ଜିଲିଂର ଜନୈକ ବ୍ୟବସାୟୀ ରାମ ଲୁବାନ୍ କହିଛନ୍ତି, ପ୍ରତିବର୍ଷ ଅପ୍ରେଲ ମାସରୁ ଏଠାରେ ପର୍ଯ୍ୟଟକଙ୍କ ବିଡ଼ ଆରମ୍ଭ ହୋଇ ଜୁଲାଇ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ରହେ । ରାସ୍ତାଘାଟ ଭିଡ଼ ସହ ହୋଟେଲରେ ଖାଲି କକ୍ଷ ମିଳିବା କାଠିକର କାମ ହୋଇପଡ଼େ । ଚଳିତଥର କିନ୍ତୁ ପରିସ୍ଥିତି ଜଟିଳ ହୋଇପଡ଼ିଛି । ଅଧିକାଂଶ ହୋଟେଲ ସେମାନଙ୍କ କର୍ମଚାରୀ ଛଟେଇ କରିଥିବା ବେଳେ ଦାର୍ଜିଲିଂ ଜନଶୂନ୍ୟ ପରି ଅନୁଭବ ହେଉଛି । ୪୦ ପ୍ରତିଶତରୁ ଅଧିକ ପର୍ଯ୍ୟଟନ କମ୍ପାନୀ ଆଗାମୀ ୩-୬ ମାସ ମଧ୍ୟରେ ଖୋଲିବାର କୌଣସି ସମ୍ଭାବନା ନଥିବାର ସ୍ପଷ୍ଟ ହୋଇଛି । ଲୋକେ ଭ୍ରମଣ ଆରମ୍ଭ କରିବା ପରେ ମଧ୍ୟ ସେମାନଙ୍କ ନିମନ୍ତେ ନୂଆ ନିୟମମାନ ପ୍ରଣୟନ କରାଯିବ, ଯାହା ପର୍ଯ୍ୟଟନକୁ ଅଧିକ କ୍ଷତିଗ୍ରସ୍ତ କରିବ ବୋଲି କମ୍ପାନୀ ତରଫରୁ କୁହାଯାଇଛି ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ସମସ୍ୟା ଘେରରେ ଶିକ୍ଷା ଓ ନିଯୁକ୍ତି

ଗତ ମାର୍ଚ୍ଚ ମାସରେ ଆନ୍ତର୍ଜାତିକ ଶ୍ରମିକ ସଂଗଠନ(ଆଇଏଲଓ) ପକ୍ଷରୁ ବେକାରି ହାର ସମ୍ପର୍କରେ ଯେଉଁ ରିପୋର୍ଟ ପ୍ରକାଶ ପାଇଥିଲା ସେଥିରେ ଭାରତ ସମ୍ପର୍କରେ ଏକ ଉଦ୍‌ବେଗଜନକ ତଥ୍ୟ ସାମ୍ନାକୁ ଆସିଛି। ଏହି ସର୍ଭେ ରିପୋର୍ଟ ଦର୍ଶାଇଛି ଯେ ଦେଶରେ ଦିନକୁ ଦିନ ବେକାରି ସମସ୍ୟା ଉତ୍କଟ ହେବାରେ ଲାଗିଛି। ଏହା ଏବେ ଏକ ସାମାଜିକ ବ୍ୟାଧି ଭାବେ ଉଭା ହେଲାଣି। କେବଳ ସେତିକି ନୁହେଁ, ନିରକ୍ଷର ବ୍ୟକ୍ତିଙ୍କ ତୁଳନାରେ ଶିକ୍ଷିତମାନଙ୍କଠାରେ ବେକାରି ହାର ଅଧିକ। ନିରକ୍ଷର ବା ଅକ୍ଷର ପଢ଼ି କିମ୍ବା ଲେଖିପାରୁ ନଥିବା ବ୍ୟକ୍ତିଙ୍କ ମଧ୍ୟରେ ବେକାରି ହାର ୩.୪ ପ୍ରତିଶତ। ଅଥଚ ସ୍ନାତକମାନଙ୍କ କ୍ଷେତ୍ରରେ ବେକାରି ହାର ୨୯.୧ ପ୍ରତିଶତ। ଅର୍ଥାତ୍ ନିରକ୍ଷରଙ୍କ ତୁଳନାରେ ସ୍ନାତକମାନଙ୍କ ବେକାରି ଆଶଙ୍କା ପ୍ରାୟ ୯ ଗୁଣା ଅଧିକ। ସେହିଭଳି ମାଧ୍ୟମିକ କିମ୍ବା ତଦୂର୍ଦ୍ଧ୍ୱ ଶିକ୍ଷା ଲାଭ କରିଥିବା ବ୍ୟକ୍ତିଙ୍କ ମଧ୍ୟରେ ବେକାରି ହାର ୧୮.୪ ପ୍ରତିଶତ ବା ନିରକ୍ଷରଙ୍କ ତୁଳନାରେ ୬ ଗୁଣା ଅଧିକ। ବିଶେଷତଃ, ଯେଉଁମାନେ ଉଚ୍ଚଶିକ୍ଷା ଲାଭ କରିଛନ୍ତି ସେମାନଙ୍କ ମଧ୍ୟରେ ବେକାରି ସମସ୍ୟା ସମୟାନୁକ୍ରମେ ଅଧିକ ଜଟିଳ ହୋଇଛି। ଯୁବକମାନଙ୍କ ମଧ୍ୟରେ ବେକାରି ହାର ବିଶ୍ୱ ତୁଳନାରେ ଭାରତରେ ଅଧିକ ରହିଛି। ସେହିପରି ରିପୋର୍ଟର ତଥ୍ୟ ଅନୁସାରେ ଭାରତରେ ଶିକ୍ଷିତ ଯୁବକମାନଙ୍କ ନିଯୁକ୍ତି ହାର ଆନୁଷ୍ଠାନିକ କ୍ଷେତ୍ର ଅପେକ୍ଷା ଅଣଆନୁଷ୍ଠାନିକ କ୍ଷେତ୍ରରେ ଅଧିକ। ସାମ୍ପ୍ରତିକ ସ୍ଥିତିରେ ଶିକ୍ଷିତଙ୍କ କ୍ଷେତ୍ରରେ ରୋଜଗାରର ପନ୍ଥା ଖୋଜିବା ଏକ କଷ୍ଟକର ବ୍ୟାପାର ହୋଇ ପଡ଼ିଲାଣି। ପାଠ ନ ପଢ଼ିଲେ କିମ୍ବା ଜ୍ଞାନ ଆହରଣ ନ କଲେ ଜଣେ ବ୍ୟକ୍ତି ସାଧାରଣତଃ ରୋଜଗାରକ୍ଷମ ହୋଇ ନ ପାରେ, କିନ୍ତୁ ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ଥାଇ ମଧ୍ୟ କୌଣସି କର୍ମ ସଂସ୍ଥାନରେ ଯୋଗ ନଦେଇ ବେକାରୀ ଭାବେ ଜୀବନ ବିତାଇବା ନିଶ୍ଚିତ ରୂପେ ଶିକ୍ଷା ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଦେଶରେ ଶିକ୍ଷିତ ଯୁବକଯୁବତୀମାନଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରି ଅଣଶିକ୍ଷିତମାନଙ୍କ ପାଇଁ କର୍ମସଂସ୍ଥା ଯୋଗାଇଦେବା ଉଦ୍ଦେଶ୍ୟରେ ଭାରତରେ ଅନେକ ଯୋଜନା ପ୍ରଣୟନ ହୋଇଥିଲେ ମଧ୍ୟ ଶିକ୍ଷିତ ବେକାରୀ ହଟାଇବାରେ ସମର୍ଥ ହୋଇପାରି ନାହିଁ। ଭାରତ 'ବିଶ୍ୱଗୁରୁ' ଆଡ଼କୁ ଅଗ୍ରସର ହେଉଥିବା କୁହାଯାଉଥିବା ବେଳେ ବେକାରୀ ସମସ୍ୟାକୁ ନେଇ ଆନ୍ତର୍ଜାତିକ ଶ୍ରମ ସଙ୍ଗଠନର ରିପୋର୍ଟ ରାଜନୈତିକ କ୍ଷେତ୍ରଠାରୁ ଆରମ୍ଭ କରି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ବୈଦିକ ଯୁଗରୁ ଭାରତ ସଦାସର୍ବଦା ତା'ର ଶିକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦେଇଆସିଛି। ଭାରତର ଶିକ୍ଷା ବ୍ୟବସ୍ଥା ବିଶ୍ୱରେ ସର୍ବପୁରାତନ ଭାବେ ସର୍ବଜନବିଦିତ। ବ୍ରିଟିଶ ଶାସନ ପୂର୍ବରୁ ଭାରତର ଶିକ୍ଷା ବ୍ୟବସ୍ଥାରେ ଜାତି, ଧର୍ମ, ବର୍ଣ୍ଣର କୌଣସି ଭେଦଭାବ ନଥିଲା। ଅଧିକାଂଶ ଲୋକ ଶିକ୍ଷିତ ଥିଲେ। ତତ୍କାଳୀନ ଶିକ୍ଷା ବ୍ୟବସ୍ଥା କୌଶଳ, ଶୃଙ୍ଖଳା, ଦକ୍ଷତା, କର୍ମ ଓ ଆତ୍ମନିର୍ଭରଶୀଳ କୈନ୍ଦ୍ରିକ ଥିଲା। ଶିକ୍ଷାକୁ ଜ୍ଞାନର ଏକ ମାଧ୍ୟମ ଭାବେ ଗ୍ରହଣ କରାଯାଉଥିଲା। ବ୍ରିଟିଶ ଶାସନ କାଳରେ ଭାରତର ଶିକ୍ଷା ବ୍ୟବସ୍ଥା ଅବକ୍ଷୟମୁଖୀ ହେବା ଆରମ୍ଭ ହେଲା। ସ୍ୱାଧୀନତା ପ୍ରାପ୍ତିର ୭୭ ବର୍ଷ ମଧ୍ୟରେ ଭାରତର ଶିକ୍ଷା ବ୍ୟବସ୍ଥାରେ ରାଧାକ୍ରିଷ୍ଣନ କମିଶନ, କୋଠାରୀ କମିଶନ୍, ମୁଦାଲୀୟର କମିଶନ୍, ୟଶପାଲ୍ କମିଶନ୍ ସମେତ ଆହୁରି ଅନେକ କମିଶନ୍‌ଙ୍କ ସୁପାରିସକ୍ରମେ ଶିକ୍ଷା କ୍ଷେତ୍ରରେ ପୂର୍ବ ଗୌରବକୁ ଫେରାଇ ଆଣିବା ପାଇଁ ଅନେକ ନୀତି ଧାର୍ଯ୍ୟ କରାଯାଇଛି। ନୂତନ ଶିକ୍ଷାନୀତି ୨୦୨୦ ପ୍ରଣୀତ ହୋଇଛି। ସ୍ୱାଧୀନତା ପ୍ରାପ୍ତିର ୭୭ ବର୍ଷର ଲମ୍ବା ଯାତ୍ରା ମଧ୍ୟରେ ଭାରତରେ ଅନେକ କିଛି ପରିବର୍ତ୍ତନ ହୋଇଛି। ସରକାର ବଦଳିଛି ଏବଂ ଅନୁରୂପ ଭାବେ ଯୋଜନାରେ ମଧ୍ୟ ପରିବର୍ତ୍ତନ ହୋଇଛି, କିନ୍ତୁ ଯେଉଁ ଶିକ୍ଷା ବ୍ୟବସ୍ଥା ଏକ ରାଷ୍ଟ୍ରର ମେରୁଦଣ୍ଡ ସଦୃଶ ସେ ବିଭାଗରେ ଆମେ କେଉଁଠି ନା କେଉଁଠି ବିଫଳ ହୋଇଛେ ବୋଲି ବିଭିନ୍ନ ରିପୋର୍ଟ ଆଧାରରେ ଏକ ଧାରଣା ସୃଷ୍ଟି ହେଉଛି। 'ଅଲ୍ ଇଣ୍ଡିଆ ସର୍ଭେ ଅନ ହାୟର ଏଜୁକେଶନ'ର ରିପୋର୍ଟ ଅନୁସାରେ ୨୦୧୬-୧୭ ଶିକ୍ଷାବର୍ଷରେ ଆମ ଦେଶରେ ସମୁଦାୟ ବିଶ୍ୱବିଦ୍ୟାଳୟ ସଂଖ୍ୟା ୮୬୪ ଥିବା ବେଳେ ୨୦୨୦-୨୧ରେ ଏଥିରେ ୨୮.୮ ପ୍ରତିଶତ ବୃଦ୍ଧି ପାଇ ୧୧୧୩ ହୋଇଥିଲା। ଏହି ପାଞ୍ଚବର୍ଷ ମଧ୍ୟରେ ମହାବିଦ୍ୟାଳୟ ସଂଖ୍ୟା ୪୦, ୦୨୬ରୁ ୯.୪ ପ୍ରତିଶତ ବୃଦ୍ଧି ପାଇ ୪୩, ୭୯୬ ହୋଇଥିଲା। ଶିକ୍ଷାନୁଷ୍ଠାନର ସଂଖ୍ୟା ବୃଦ୍ଧି ସାଙ୍ଗକୁ ପ୍ରତିବର୍ଷ ଭାରତରେ ସ୍ନାତକ ଡିଗ୍ରୀ ହାସଲ କରୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ମଧ୍ୟ ଆଶାତୀତ ଭାବେ ବୃଦ୍ଧି ପାଉଛି। ୧୯୯୧ରେ ଭାରତ ଆପଣାଇଥିବା ନୂତନ ଅର୍ଥନୀତିରେ ଘରୋଇକରଣ, ଜଗତୀକରଣ ଓ ଉଦାରୀକରଣ ଯୋଗୁଁ ଉଦ୍ୟୋଗ କ୍ଷେତ୍ରରେ ପ୍ରତିବର୍ଷ ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଥିଲେ ମଧ୍ୟ ଉପଯୁକ୍ତ ଦକ୍ଷତାର ଅଭାବ ଯୋଗୁଁ ସ୍ନାତକଧାରୀମାନେ ବଜାରର ଚାହିଦାକୁ ପୂରଣ ନ କରିପାରି ରୋଜଗାରକ୍ଷମ ହୋଇପାରୁ ନାହାନ୍ତି। ଏହା ପ୍ରମାଣ କରୁଛି ଯେ ଆମ ଦେଶର ଶିକ୍ଷା ବ୍ୟବସ୍ଥା ଗୁଣାତ୍ମକ ଅପେକ୍ଷା ଅଧିକ ପରିମାଣାତ୍ମକ ହୋଇଯାଇଛି। ନ ହେଲେ ଦେଶରେ ଚତୁର୍ଥ ଶ୍ରେଣୀ ପଦ ପାଇଁ ପିଏଚଡି ଓ ଇଞ୍ଜିନିୟର ଡିଗ୍ରୀଧାରୀମାନେ ଆବେଦନ କରୁଥିବାର ଖବର ପ୍ରକାଶ ପାଉ ନ ଥା'ନ୍ତା। ସାମ୍ପ୍ରତିକ ପ୍ରତିଯୋଗିତା ବଜାର ସହିତ ତାଳ ଦେଇ ଶିକ୍ଷାବ୍ୟବସ୍ଥାରେ ସୃଜନାତ୍ମକ ଚିନ୍ତାଧାରା ସୃଷ୍ଟି ହୋଇପାରୁ ନ ଥିବା ଯୋଗୁଁ ନିଯୁକ୍ତି ବା ରୋଜଗାରର ପନ୍ଥା ସଂକୁଚିତ ହୋଇଆସୁଛି। ତେଣୁ ନିଯୁକ୍ତି ନ ପାଇଁ ବହୁଯୁବକ ହତୋତ୍ସାହିତ ହୋଇ ଆତ୍ମହତ୍ୟା ଭଳି ଘୃଣ୍ୟ ପନ୍ଥା ଆପଣେଇ ନେଉଛନ୍ତି। ଗ୍ଲୋବାଲ ଆଇଆଇଟି ଆଲୁମିନି ସପୋର୍ଟ ଗ୍ରୁପର ପ୍ରତିଷ୍ଠାତା ଧୀରଜ ସିଂଙ୍କ ମତରେ ସର୍ବଭାରତୀୟ ସ୍ତରରେ ଉଚ୍ଚ ପ୍ରତିଯୋଗିତା ମଧ୍ୟରେ ପ୍ରବେଶିକା ପରୀକ୍ଷା ଦେଇ ଭାରତର ପ୍ରତିଷ୍ଠିତ ଆଇଆଇଟିରେ ଅଧ୍ୟୟନ କରୁଥିବା ୩୦ ରୁ ୪୦ ପ୍ରତିଶତ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ନିଯୁକ୍ତିକୁ ନେଇ ଏବେ ମଧ୍ୟ ଅନିଶ୍ଚିତତା ଲାଗି ରହିଛି। କଠିନ ପରିଶ୍ରମ ସତ୍ତ୍ୱେ ଚାକିରି ନପାଇ ଛାତ୍ରଛାତ୍ରୀମାନେ ମାନସିକ ଚାପରେ ରହୁଛନ୍ତି।

ଚୈତ୍ର ପୂର୍ଣ୍ଣିମା ଓ କୈବର୍ତ୍ତଙ୍କ ଘୋଡ଼ାନାଚ

ଡକ୍ଟର ତପନ କୁମାର ପାଳ

ଆଧ୍ୟାତ୍ମିକ ଭାବନାରେ ଚୈତ୍ର ଶବ୍ଦର ଅର୍ଥ ହେଉଛି ଦେବାଳୟ ଏବଂ ଯଜ୍ଞଭୂମି। ଭାରତ ବର୍ଷ ହେଉଛି ଆର୍ଯ୍ୟ ସନାତନ୍ୟ ସଂସ୍କୃତିରେ ବିଶ୍ୱାସ ରଖିଥିବା ଦେବାଳୟ କ୍ଷେତ୍ର ଏବଂ ପବିତ୍ର ଯଜ୍ଞଭୂମି। ଚୈତ୍ରମାସଟି ହେଉଛି ବସନ୍ତ ଋତୁର ଶେଷ ମାସ। ସୌରଜଗତରେ ନଅଟି ଗ୍ରହ ଓ ତେଇଶଟି ନକ୍ଷତ୍ର ରହିଛି। ତାହା ଭିତରୁ ଚନ୍ଦ୍ର ଗୋଟିଏ। ଯେଉଁ ପୂର୍ଣ୍ଣମୀଦିନ ଚନ୍ଦ୍ର ଚିତ୍ରା ନକ୍ଷତ୍ରଯୁକ୍ତ ହୁଅନ୍ତି ସେହି ପୂର୍ଣ୍ଣମୀକୁ ହିଁ ଚୈତ୍ରପୂର୍ଣ୍ଣିମା କୁହାଯାଏ। ସେହିପରି ପୌରାଣିକ କାହାଣୀକୁ ଦେଖିଲେ ଜଣାଯାଏ ବୁଧଙ୍କ ଔରସରେ ଚିତ୍ରା ନକ୍ଷତ୍ରଗର୍ଭରୁ ଉତ୍ପନ୍ନ ପୌରାଣିକ ସପ୍ତଦ୍ୱୀପର ଅଧିଶ୍ୱର ରାଜବିଶେଷ ଓ ଚୈତ୍ର ନାମକ ରାଜବଂଶର ପ୍ରବର୍ତ୍ତକ। ଓଡ଼ିଶାର କୈବର୍ତ୍ତ ବା କେଉଟ ମାନଙ୍କ ଶ୍ରେଷ୍ଠ ପର୍ବ ହେଉଛି ଚଇତି ପୁନେଇ। ଚଇତ ପୁନେଇକୁ ସଂସ୍କୃତ ଭାଷାରେ ଚୈତ୍ର ପୂର୍ଣ୍ଣିମା କୁହାଯାଏ। କୈବର୍ତ୍ତମାନେ ଏହି ପର୍ବରେ ଅଶ୍ୱମୁଖୀ ବାସୁଳୀଙ୍କର ପୂଜା କରନ୍ତି। ପୂର୍ଣ୍ଣିମା ଠାରୁ ଅଷ୍ଟମୀ ପର୍ଯ୍ୟନ୍ତ ବିଭିନ୍ନ ଗ୍ରାମ ବୁଲି ଘୋଡ଼ାନାଚ ପ୍ରଦର୍ଶନ କରିଥାନ୍ତି। ଏହି ଚୈତ୍ରପୂର୍ଣ୍ଣିମାର ପୌରାଣିକ କଥାବସ୍ତୁ ମଧ୍ୟ ରହିଛି ତ୍ରେତୟା ଯୁଗରେ ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ପିତା ଦଶରଥଙ୍କ ସତ୍ୟପାଳନ କରି ଚଉଦ ବର୍ଷ ବନଗମନ ବେଳେ ସରଜୁ ନଦୀରେ ତାଙ୍କୁ ଜଣେ କୈବର୍ତ୍ତ ନୀଦ ପାର କରାଇଥିଲେ ଯାହାଙ୍କ ନାମ ଥିଲା ଦାଶରାଜା। ତାଙ୍କ ଭକ୍ତିରେ ପ୍ରୀତ ହୋଇ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ଗୋଟିଏ ଘୋଟକ ପୁରସ୍କାର ଭାବେ ଦେଇଥିଲେ। ସେହି ପବିତ୍ର କୃପା ଆଶୀର୍ବାଦକୁ ସ୍ମରଣ ପୂର୍ବକ କୈବର୍ତ୍ତମାନେ ଏହି ଦିବସରେ ଘୋଡ଼ାର ମୂର୍ତ୍ତି ନିର୍ମାଣ କରି ପୂଜା କରନ୍ତି। ଏକ ପୁରାଣ ବହି 'କୈବର୍ତ୍ତ୍ୟ ଗୀତା'ରେ ଉଲ୍ଲେଖ ଅଛି ଯେ ସୃଷ୍ଟି ପ୍ରଳୟ ସମୟରେ ଭଗବାନ ଏକ ବଟପୁଟ୍‌ରେ ଶୟନରତ ମୁଦ୍ରା ବେଳେ ଜଳର ଲହରୀରେ ଉକ୍ତ ବଟପୁଟ ଦୋହଲିବାରୁ ଭଗବାନ ସ୍ୱୟଂ ନିଜ କର୍ଣ୍ଣମୂଳର ମଳିରୁ ଏକ ପୁରୁଷ ସୃଷ୍ଟି କରିଥିଲେ। ଏହି ପୁରୁଷଟି ତାଙ୍କ କର୍ଣ୍ଣମୂଳସ୍ଥ ମଳିରୁ ଜାତ ହୋଇଥିବାରୁ ସେ କୈବର୍ତ୍ତ ଭାବରେ କଥିତ ହେଲେ। ଏନେଇ 'କୈବର୍ତ୍ତ୍ୟ ଗୀତା'ରେ ଲେଖାଅଛି - 'ହେଇ କିରୀଟା ଶୁଣିବା ଶ୍ରୀପତି, ସକଳ ଦିଅ ହେଜାଇ। କର୍ଣ୍ଣ ଧାର କଇବର୍ତ୍ତର ଜନମ, ଶ୍ରୀମୁଖରେ ଦେବା କହି। ପ୍ରଳୟ ଜଳରେ ସେ କର୍ଣ୍ଣ ଧାରକୁ, କର୍ଣ୍ଣମୂଳୁ ଜାତ କଲୁ। ତାହାଙ୍କୁ ନୃପତି କରିବ ବୋଲିଣ, ଶ୍ରୀମୁଖରେ ଆଜ୍ଞା ଦେଲୁ।' ଚୈତ୍ର ପୂର୍ଣ୍ଣିମା ଦିନ କୈବର୍ତ୍ତ ମାନେ ନିଜ ଘରଦ୍ୱାରା ସଫା କରି ଲିପାପୋଛା ପୂର୍ବକ ପବିତ୍ର କରିଥାନ୍ତି, ଚିତା ଆଙ୍କିଥାନ୍ତି। ତାଙ୍କ ବୋଇତକୁ ଧୋଇ ଫୁଲ, ଚନ୍ଦନ, ସିନ୍ଦୂର ଓ ନୈବେଦ୍ୟ ସମର୍ପଣ କରିଥାନ୍ତି। ବିଶ୍ୱକର୍ମାଙ୍କୁ ମଧ୍ୟ ଏହି ଦିନ କୈବର୍ତ୍ତମାନେ ପୂଜା କରିଥାନ୍ତି। ସେମାନେ ତାଙ୍କ ବନ୍ଧୁବାନ୍ଧବଙ୍କୁ ଡାକି ନୂତନ ବସ୍ତ୍ର ପ୍ରଦାନ ମଧ୍ୟ କରିଥାନ୍ତି। ଅଶ୍ୱମୁଖୀ ବାସୁଳୀଙ୍କର ପୂଜା ଏହି ଚୈତ୍ର ପୂର୍ଣ୍ଣିମାରେ ହୋଇଥାଏ। ଓଡ଼ିଶାର ବିଶେଷକରି ଉପକୂଳ ଅଞ୍ଚଳରେ କୈବର୍ତ୍ତମାନଙ୍କ ବସ୍ତୀରେ ଚଇତି ଘୋଡ଼ାନାଚ ଆନନ୍ଦ ସମାରୋହରେ ଅନୁଷ୍ଠିତ ହୁଏ। କେତେକ ସ୍ଥାନରେ ଗ୍ରାମରେ ଏକତ୍ର ହୋଇ କୈବର୍ତ୍ତମାନେ ଏକ ବାଉଁଶ ବୁଦାମୂଳକୁ ସଫାକରି ସେହି ଗଛମୂଳେ ପଣା ଓ ଫୁଲ ସମର୍ପଣ କରି ପୂଜା କରନ୍ତି। ଚୈତ୍ର ପୂର୍ଣ୍ଣିମା ଦିନ କୈବର୍ତ୍ତମାନେ ତାଙ୍କ ସଜ ବସିବା ଘରକୁ ଲିପାପୋଛା କରି ଚିତା ପକାନ୍ତି। ଯେଉଁମାନଙ୍କର ଜାଲ ଥାଏ ତାକୁ ଥୋଇ ମଧ୍ୟ ପୂଜା କରନ୍ତି। ଓଡ଼ିଶାର ଲୋକକାହାଣୀ ଉପରେ ଗବେଷଣାକରି ପୁସ୍ତକ ଲେଖିଥିବା ଡକ୍ଟର କୁଞ୍ଜବିହାରୀ ଦାଶଙ୍କ ଓଡ଼ିଶା ଲୋକଗୀତ ଓ କାହାଣୀରେ ଲେଖାଅଛି - 'ଜାଲିଆ, ନାଉରୀ, ଚୁଡାକୁଟା ପ୍ରଭୃତି ହେଉଛନ୍ତି ନିଆଳି କୈବର୍ତ୍ତ। ଏହି ନିଆଳି କୈବର୍ତ୍ତ, କୁଳାଚାର ଭ୍ରଷ୍ଟା ଶିଉଳି ଧୀବର ଓ ସାହୁ ଗୁଡ଼ିଆମାନେ ହେଉଛନ୍ତି ଦାସ ରାଜାଙ୍କର ବଂଶଧର। ଏମାନଙ୍କ ମଧ୍ୟରେ ସାହୁ ଗୁଡ଼ିଆଙ୍କ ଛଡ଼ା ଅନ୍ୟମାନେ ଯୁଗ, ଯୁଗ ଧରି ବାଶୁଳୀ ମୁଣ୍ଡ ପୂଜାକରି ଆସୁଛନ୍ତି।'

କେତେକ କୈବର୍ତ୍ତ ଢିଙ୍କିରେ ଚୁଡ଼ା କୁଟିଥାନ୍ତି ଏହା କୈବର୍ତ୍ତ ସମାଜର ମୁଖ୍ୟ ସମ୍ବଳ। ଏହି ଢିଙ୍କିରେ ଲକ୍ଷ୍ମୀ, ବାଶେଳୀ ଓ ସ୍ୱୟଂ ବିଶ୍ୱକର୍ମା ବିଦ୍ୟମାନ। ତେଣୁ କେତେକ କୈବର୍ତ୍ତମାନେ ଢ଼ିଙ୍କି ପୂଜା କରିଥାନ୍ତି। ଚୈତ୍ରମାସରେ ଗ୍ରାମେ ଗ୍ରାମେ ମା'ମଙ୍ଗଳାଙ୍କୁ ପୂଜା କରାଯାଇଥାଏ। କୈବର୍ତ୍ତ ଗୀତାରେ ଅଚ୍ୟୁତାନନ୍ଦ ଦାସ ଉଲ୍ଲେଖ କରିଛନ୍ତି 'ବାଶେଳୀ ହେଉଛନ୍ତି ମହାମାୟୀ ଅଷ୍ଟଭୂଜା ଚଣ୍ଡିକା ଓ ମଙ୍ଗଳା।' ଚୈତ୍ର ପୂର୍ଣ୍ଣିମାର ଘୋଡ଼ାନାଚ କେବଳ କୈବର୍ତ୍ତ କାହିଁକି ସବୁଧର୍ମର ସବୁ ବିଚାର ଆଦର୍ଶର ଦର୍ଶକଙ୍କୁ ଆନନ୍ଦ ଦେଇଥାଏ। କାରଣ ଘୋଡ଼ାକୁ ନଚାଇବା ବେଳେ ଦୁଇଜଣ କୈବର୍ତ୍ତ ସ୍ୱାମୀ-ସ୍ତ୍ରୀ, ରାଉତ-ରାଉତାଣୀ ବେଶରେ ବିଭିନ୍ନ ମଜାଦାର ଅଙ୍ଗଭଙ୍ଗୀ କରି କୈବର୍ତ୍ତ ପୁରାଣର କଥାବସ୍ତୁ ଦ୍ୱାରା ଗାଉଁଲୀ କବିମାନେ ଯେଉଁ ଉପଦେଶାବଳୀଧର୍ମୀ ଗୀତ ରଚନା କରିଥାନ୍ତି ତାହା ଅତ୍ୟନ୍ତ ଆନନ୍ଦଦାୟକ ଓ ପ୍ରେରଣାଦାୟକ ମଧ୍ୟ। ଯଥା - 'ଘୋଡ଼ା ମୁଣ୍ଡେ ଦେଲି ସିନ୍ଦୂର କଜଳ, ସିପାହୀ ମୁଣ୍ଡେ ଚନ୍ଦନ। ସତେ ହୋଇଥିବୁ ସିଦ୍ଧ ବାଶୁଳେଇ ଘୋଡ଼ା ମୁଣ୍ଡେ ପରଶନ।' ଆଉ ଗୋଟିଏ ଘୋଡ଼ା ନାଚର ଗୀତ ହେଉଛି - 'ଧୋବ ଧୋବାଲିଆ ବାଉଁଷ ଫାଳିଆ, କାଠରେ ହୋଇଛି ଘୋଡ଼ା। ତା ଉପରେ ବସିଛି କୈବର୍ତ୍ତ ରାଜା ବାଶେଳୀ ପାଉଛି ପୂଜା।' ଏହି ଘୋଡ଼ା ନାଚ ବେଳେ କିମ୍ବଦନ୍ତୀର କଥାନୁଯାୟୀ ନଦୀ ପାର ବେଳେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର କୈବର୍ତ୍ତକୁ ଏକ ରାମତାଳି ଉପହାର ଦେଇଥିବାରୁ ଘୋଡ଼ାନାଚ ବେଳେ ରାଉତ ଭାବେ ପରିଚିତ କୈବର୍ତ୍ତ ଏହାକୁ ବଜାଇଥାଏ। ଓଡ଼ିଶାର ଉପକୂଳ ସମେତ ଅଧିକାଂଶ ସ୍ଥାନରେ କୈବର୍ତ୍ତ ମାନଙ୍କର ଚୈତ୍ର ପୂର୍ଣ୍ଣମୀ ଆଠଦିନ ବ୍ୟାପୀ ଅନୁଷ୍ଠିତ ହୋଇଥାଏ। କୈବର୍ତ୍ତ ମାନଙ୍କର ଇଷ୍ଟଦେବୀ ବାଶେଳୀ ହୋଇଥିବାରୁ ଚୈତ୍ରପୂର୍ଣ୍ଣିମା ଦିନ ପୁରୀର ବାଶୁଳୀ ସାହିରେ ଘୋଡ଼ାମୁହିଁ ବାଶୁଳୀକୁ ସେମାନେ ପୂଜା କରିଥାନ୍ତି। ଚୈତ୍ରପୂର୍ଣ୍ଣିମା ଓଡ଼ିଆ ଆଧ୍ୟାତ୍ମିକ ଜନଜୀବନରେ ଏକ ସ୍ମରଣୀୟ ଦିନ।

ଷ୍ଟାଫ କଲୋନୀ, ଦେଉଳ ସାହି,
ତୁଳସୀପୁର, କଟକ,
ମୋ: : ୯୯୩୭୬୫୮୩୬୨ /
୭୯୭୮୭୯୬୬୩୩

ଚଳିତ ନିର୍ବାଚନ, ଶୂନ୍ୟରୁ ଆସିଲେ ସବୁକିଛି ପାଇଗଲେ.....

ଗୋପୀନାଥ ଦାଶ

ଚଳିତ ନିର୍ବାଚନ ସବୁଠାରୁ ବଡ଼ ରୋଚକ ଓ ଚର୍ଚ୍ଚିତ ହୋଇ ଅଭୁତପୂର୍ବ ଘଟଣାନାମା ସବୁ ଆମେ ଦେଖିବାକୁ ପାଉଛୁ। ତିନି ତିନଟି ବଡ଼ଦଳ ଯଥା କଂଗ୍ରେସ, ବିଜେଡ଼ି ଓ ବିଜେପି ଏହା ଭିତରୁ ଅନେକ ଦଳର ଆଶାୟୀ, ହେବିୱେଟ ଓ ଭେଟେରାନ ଥିଲେ ମଧ୍ୟ ଅନ୍ୟ ଦଳରୁ ଆସି ରାତାରାତି ଟିକେଟ ପାଇ ନିର୍ବାଚନକୁ ଲମ୍ଫ ଦେଲେ। ଚଳିତ ନିର୍ବାଚନରେ ସବୁଠାରୁ ବଡ଼ଦଳ ବିଜେଡ଼ି ପ୍ରାର୍ଥୀ ଚୟନରେ ଚକମା ଦେଖାଇଛି। ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ସମ୍ବଲପୁରରେ ଧର୍ମେନ୍ଦ୍ର ବାବୁଙ୍କ ବିରୁଦ୍ଧରେ ଲଢ଼ାଇଛି। ସମ୍ମାନଜନକ ଭୁବନେଶ୍ୱର ଆସନ ପାଇଁ ଦଳରେ ମନ୍ମଥ ରାଉତରାୟ ପାଦ ଦେବାମାତ୍ରେ ଟିକେଟ ପାଇଲେ ଆଉ ହାଇଭୋଲଟେଜ ସିଟ ଭୁବନେଶ୍ୱରରେ ପ୍ରାର୍ଥୀ ହେଲେ। ସବୁଠାରୁ ରୋଚକ ଘଟଣା ଘଟିଛି ଯାଜପୁରର ବଡ଼ଚଣା ନିର୍ବାଚନ ମଣ୍ଡଳୀରେ। ଏଠାରେ ତଥାକଥିତ ବିଜେଡ଼ିର ବଡ଼ଚେହେରା, ହେବିୱେଟ କୁହାଯାଉଥିବା ଅମର ପ୍ରସାଦ ଶତପଥିଙ୍କୁ ଦଳ ଟିକେଟ ନଦେଇ ଆଶ୍ଚର୍ଯ୍ୟଜନକ ଭାବେ ସିନେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ଦେଇଛି। ଏଠି ଟିକେଟ ପାଇଁ ଅମର ପ୍ରସାଦ ଶତପଥି, ଜନ୍ମେଜେୟ ଲେଙ୍କା ଓ କ୍ୟାପଟେନ ରାଜନାରାୟଣ ମହାପାତ୍ର ଆଶାୟୀ ଥାଇ ଛକିଶୂନ ଖେଳିବା ଭିତରେ ଦୁଇ ମାଙ୍କଡ଼ଙ୍କ ଲଢ଼େଇରୁ ତୃତୀୟ ମାଙ୍କଡ଼ରୁ ଲାଭ ପରି ଶୂନ୍ୟରୁ ଆସି ବର୍ଷା ପ୍ରିୟଦର୍ଶିନୀ ଟିକେଟ ନେଇଗଲେ। ସେ ଥିଲେ ନାଁ ଚର୍ଚ୍ଚାରେ ନାଁ ରେସରେ। କହିବାକୁଗଲେ ସୁପ୍ରିମୋ ଓ ବଡ଼ନେତାଙ୍କ ଚକମାରେ ତିନିଜଣ ଆଶାୟୀ ବିଲକୁଲ ବୋଲ୍ଡ ହୋଇଗଲେ। ବାଲେଶ୍ୱରର ରେମୁଣାର ବିଜେଡ଼ି ପ୍ରାର୍ଥୀ ବିଦ୍ୟାସ୍ମିତା ମହାଳିକ ସେ ସରପଞ୍ଚରୁ ସିଧା ପାଇଲେ ବିଧାୟକ ଟିକେଟ। ନବୀନ ବାବୁଙ୍କ ଏହି ଟିକେଟ ସରପ୍ରାଇଜ ଭିତରେ ଆହୁରି ଅନେକ ମଧ୍ୟ ସବୁ ଅଛନ୍ତି। ବଡ଼ଚଣାରେ ଯାହା ଘଟିଲା ଏହା ବିଜେପିର ସ୍ପଷ୍ଟବାଦୀ, ସ୍ୱଚ୍ଛଭାବମୂର୍ତ୍ତିର ପ୍ରାର୍ଥୀ ଅମର ନାୟକଙ୍କୁ ଜିତାଇବା ପାଇଁ ଏହା ପଥ ସୁଗମ କରିଦେଲା। ଗତ ନିର୍ବାଚନରେ ଅମର ନାୟକ ମାତ୍ର ୧୪୦୦ ଭୋଟରେ ପରାସ୍ତ ହୋ

କବିତାମାଳା

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୨୩ ଏପ୍ରିଲ ୨୦୨୪, ମଙ୍ଗଳବାର

ଭାରତର ମାନଚିତ୍ର
ରତ୍ନାକର ରାଉତ

କଥା ପଡୁ ପଡୁ ଝିଅ ପଚାରିଲା - ବାପା
ତୁମେ ସପ୍ତମ ଶ୍ରେଣୀରେ ତ୍ରୁଇଁରେ
କେତେ ନମ୍ବର ରଖିଥିଲ ?
ମୁଁ କହିଲି, ଛବିଶ
ମୋର ତ୍ରୁଇଁ ଥିଲା ସବୁଠୁ ବଡ଼ ଦୁର୍ବଳତା
ତ୍ରୁଇଁ ସାର୍ କେମିତି
ଏତେ ନମ୍ବର ଦେଲେ କେଜାଣି ?

ଦେଖିବା ଆଜିଲି,
ଦେଶ ଭାଗଭାଗ ହେବା ପୂର୍ବରୁ
ଅବିଭକ୍ତ ଥିବା ସମୟର
ଭାରତ ଉପମହାଦେଶର ମାନଚିତ୍ର

ଯାହାପାଇଁ ଇଂରେଜଙ୍କ ସହିତ ଲଢ଼ିଥିଲେ
ଭଗତସିଂ, ଗାନ୍ଧୀ, ଗୋପବନ୍ଧୁ ଓ
ଏପରି ଅନେକ ।

ମୁଁ ଲାଗିପଡ଼ିଲି ଆଜିବାରେ
ପୁରୁଣା ଦିନର ଭାରତର ମାନଚିତ୍ର
କେତେ ମିନିଟ୍ ଚେଷ୍ଟା କଲାପରେ
କାଗଜ ଉପରେ ଆଜି ହୋଇଗଲା
ବିଭାଜନ ପୂର୍ବର ମୋ ଦେଶର ଛବି ।

ତା'ପରେ ଝିଅ କହିଲା,
ଏବେ ଆଜିଲି
ଆମ ପ୍ରିୟ ଦେଶ ଭାରତର ମାନଚିତ୍ର
ଆଙ୍କୁ ଆଙ୍କୁ ଥକିପଡ଼ିଲି
ବାରମ୍ବାର ଆଜିଲେ ମଧ୍ୟ ନିର୍ଭୁଲ ହେଲାନି
ତାର ଅଙ୍କାବଙ୍କା ପରିସୀମାର ରେଖାଚିତ୍ର
ମୁଁ କହିଲି, କାସ୍ ବିଭାଜନ ହୋଇନଥାନ୍ତା
ମୋ ଦେଶ
ଯେମିତି ପୂର୍ବରୁ ଅଖଣ୍ଡ ଥିଲା
ଏ ଆର୍ଯ୍ୟାବର୍ତ୍ତ ଭାରତ ଭୂଖଣ୍ଡ
ସେମିତି ଅବିକଳ ଥାଆନ୍ତା ଏଯାବତ୍!!!

❤ଭୁବନେଶ୍ୱର

ବିଦାୟ ବନ୍ଧୁ ବିଦାୟ
ପ୍ର. ଗିରିଜା ଶଙ୍କର ଶର୍ମା

ନିଘୋଡ଼ ନିଦରେ ଶୋଇଛନ୍ତି ଯାତ୍ରୀ
ଏବେ ଯାତ୍ରା ଆରମ୍ଭ ହେବ
ପାଟିତୁଣ୍ଡ କୋଳାହଳରେ ଫାଟିପଡୁଛି ଘର
ସମସ୍ତେ ଅନେଇଛନ୍ତି
ଧୂପ ଦୀପ ଚନ୍ଦନ ଦିଆ ସରିଲାଣି
ଧଳା ଚଦର ଘୋଡ଼ାଇ,
ଯାତ୍ରା ଆଗେଇ ଯିବ ।

ଏ ରାସ୍ତା ସହଜ କି କଠିନ, କହି ହେବନି
କିନ୍ତୁ ଉପରକୁ ଉଠିବାକୁ ହୁଏ
ବାଟ କଢ଼େଇ ନେବା ପାଇଁ
ଦୂତମାନେ ଥାନ୍ତି

ତାଙ୍କ ଭାଷା ବୁଝି ହୁଏନା
ଚେହେରା ଭୟାନକ ଦେଖିହୁଏନା ।

ଏ ସମୟରେ
ଗୀର୍ଜା ଘରୁ ଘଣ୍ଟି ବାଜେ
ମସଜିଦରୁ ଆଜାନ୍ ଶୁଭେ
ଆଲ୍ଲା ହୋ ଅକବର୍
ମନ୍ଦିରରୁ ଘଣ୍ଟ ଶଙ୍ଖ ବାଜେ
ନିଜ ଲୋକଙ୍କ ଦୁଃଖ ବି
ବହିଯାଏ ନଈ ପରି ।

ସମସ୍ତେ ଯାତ୍ରୀଙ୍କୁ କହନ୍ତି
ଦଣ୍ଡେ ରହିଯାଆ ଯାତ୍ରୀ
ଯାତ୍ରୀ କହନ୍ତି,
ମୁଁ ଆଉ ରହିବନି
ମୋର ପ୍ରିୟଜନମାନେ
ମତେ ଯିବାକୁ ହେବ
ଆକାଶରେ ତାରାମାନେ
ମତେ ସ୍ୱାଗତ କରୁଛନ୍ତି
ମୋର ବେଲୁନ ପରି ହାଲୁକା ଶରୀର
ଉଡ଼ି ଯାଉଛି ଉପରକୁ, ଆହୁରି ଉପରକୁ
ବିଦାୟ ମୋର ପ୍ରିୟଜନେ ବିଦାୟ
ବିଦାୟ ବନ୍ଧୁ ବିଦାୟ ।

❤ଭୁବନେଶ୍ୱର

ଭିନ୍ନ ଏକ ଭୋକ
ଐଶ୍ୱର୍ଯ୍ୟା ପ୍ରଧାନ

ରେଳ ଲାଇନ୍ କଡ଼ର ଏକ ଭଙ୍ଗା
କୁଡ଼ିଆରେ କଟେ ଜୀବନ
ନା ଅଛି ମୋହ, ନା ଆଶା,
ନା ଆଉ କିଛି ?
ଧୂମା ଧୂମା ଅନ୍ଧାରରେ ଦିଶେନି
ଭୁତ ନା ଭବିଷ୍ୟତ ?

କେବେ ଦିନବିତିଯାଏ ଜରି
ଗୋଟାଇବାରେ
ତ କେବେ ଡଷ୍ଟବିନକୁ ଅଣ୍ଡାଳି
କିଛି ଜିନିଷ ଖୋଜିବାରେ
ସହିବାକୁ ପଡେ ଭୋକର ଜ୍ୱାଳା
ତଥାପି ଆଶା ବାନ୍ଧେ ମନରେ
କାଲି ନିଶ୍ଚୟ ଖାଇବା ମିଳିବ !!

ବୁଝି ହୁଏନି ଏ ଜୀବନର ଅଭିପ୍ରାୟ ?

ଭାବିଲେ ବି ଟ୍ରେନର ସାଇରନରେ ମିଳେଇ
ଯାଏ କିଛି ଦେଖିଥିବା ସ୍ୱପ୍ନ
ସତେ ଯେମିତି କିଏ ପାଣିଢ଼ାଳି ଶାନ୍ତ କରି
ଦେଇଛି ଜଳନ୍ତା ହୃଦୟକୁ ?
ସବୁ କିଛି ଧୁଆଁଳିଆ ଦିଶେ !

ଟ୍ରେନ୍ ଷ୍ଟେସନରେ ଜୁଲୁଜୁଲୁ ଅନେଇଥାନ୍ତି
କେତେ ଯାତ୍ରୀ ?
ଚଢୁଥାନ୍ତି, ଓହ୍ଲାଉଥାନ୍ତି
କେବେ କିଏ ଦୟାର ପାତ୍ର ବନେଇ
ଖାଇବା ବି ଦେଇଯାନ୍ତି
ତ କିଏ ଡଷ୍ଟବିନରେ ପକେଇ ଚାଲିଯାନ୍ତି
ଶୁଣି ପାରନ୍ତିନି
ଭୋକିଲା ପେଟର ଆକୁଳ ଚିତ୍କାର
ବୁଝନ୍ତିନି ଭୋକ କ'ଣ ?
ଦୟାର ପାତ୍ର ହୋଇ ପାଇଥିବା ଖାଦ୍ୟରେ
କ'ଣ ଶାନ୍ତ ହୁଏ ଭୋକର
କରାଳରୂପୀ ଆତ୍ମା ?

ଏ ଜୀବନର ପ୍ରତି ପୃଷ୍ଠାର ସତ୍ୟକୁ ଗ୍ରହଣ
କରିବାକୁ ଅଣନିଃଶ୍ୱାସୀ ଲାଗେ
ଆଃ ! କେବେ ବଦଳି ଯାଆନ୍ତା କି ଏ
ଜୀବନର ମାନ୍ୟତା
ହେଲେ କେବେ ଆସେନି ସେ ଦିନ,
ପାହେନି ଏ ଦୁଃଖର ରାତି
ଯେମିତି ହେଲେ ବଞ୍ଚିବାକୁ ତ ପଡ଼ିବ
ସେଇ ଜରି ଗୋଟାଇବାରେ ବି ଖୋଜିବାକୁ
ହେବ ଆତ୍ମସନ୍ତୋଷ !

❤କନ୍ଧେଇମାଳ, ଉକଲେ୍ଲା, କଳାହାଣ୍ଡି

ଧରା ଅମ୍ବର
ଶୋଭାସିନୀ ରଣା

ପ୍ରେମିକା ପରାୟେ ଚାହିଁ ରହିଅଛି
ସୁନ୍ଦର ଆକାଶ ପ୍ରିୟକୁ
ଆସୁନାହିଁ କାଇଁ ବାରତା ତାହାର
ଅଷ୍ଟ ମାସ ହେଲା ଆଜକୁ ।

ହୃଦୟେ ତାହାର ଅସହ୍ୟ ବେଦନା
ମିଳନର ଆଶା ବୃଥାକୁ
ହେଲେ ଆସିବନି ସେଦିନ କେବେବି
ଅମ୍ବର ମିଳିବ ଧରାକୁ।

ଧୂସର ପରାୟେ ମଳିନ ଚର୍ମରେ
ଅପେକ୍ଷା ଅଛି ସେ ବର୍ଷାକୁ
ବିରହ ବେଦନା ହୃଦୟର ଘର୍ମ
ଜାଳିଦିଏ ତାର ଜୀବକୁ।

ଶତ ଚେଷ୍ଟିତ ସେ ଝରୁନି ଲୋତକ
କଷ୍ଟ ଦିଏ ତା ନୟନକୁ
ଯାଦୁକର ପ୍ରାୟେ ଆକାଶର ଶୋଭା
ହରିନିଏ ଧରା ମନକୁ ।

ଶୁଖିଯାଏ ଆଜି ନଦୀସରୋବର
ପ୍ରକାଶେ ଧରିତ୍ରୀ ବ୍ୟଥାକୁ
ଏ ଦୁଃଖ ଯନ୍ତ୍ରଣା କେନର ସହିବ
ଦେଖି ଏ ପ୍ରକୃତି ରୂପକୁ।
ଉପରୁ ବାଦଳ ଏଡାଇ ଗଗନ
ଦେଖିଦିଏ ଯେବେ ତଳକୁ
ଜାଣି ନପାରି ଏ ବେଦନା ପ୍ରିୟାର
ଫାଟି ଯେ ଯାଏ ତାର ବୁକୁ ।

ନୟନୁ ତାହାର ଝରାଏ ଲୋତକ
ସ୍ୱରେ ଧରିତ୍ରୀ ସ୍ମୃତିକୁ
ଘୋର ଗରଜଣ କରିଣ ଅମ୍ବର
ଥରାଏ ଅବନି ଆତ୍ମାକୁ।

ବ୍ୟୋମର ଲୋତକ ରିମ୍ ଝିମ୍ ହୋଇ
ସ୍ପର୍ଶକରେ ଯେବେ ଧରାକୁ
ଚେଇଁଉଠେ ଧରା ଉଲ୍ଲସିତ ହୋଇ
ପାଏ ଯେବେ ବର୍ଷା ବାର୍ତ୍ତାକୁ ।

ବର୍ଷାର ପ୍ରଥମ ସ୍ପର୍ଶ ରେ ଅବନୀ
ଜାଣେ ପ୍ରିୟ ସ୍ପର୍ଶରେ ତାକୁ
ହୁଏ ଆନନ୍ଦିତ ହୁଏ ଉଲ୍ଲସିତ
ଆଶ୍ୱାସନା ଦିଏ ମନକୁ ।

❤ସୁଲସୁଲିଆ, ବରଗଡ

ଫୁଲାଣିଆ ମନ
ଅନସୂୟା ପଣ୍ଡା

ହଜିଯାଇଛି ସେ ନିଃଶବ୍ଦ ଶିହରଣ
ସେ ଉନ୍ମାଦିତ କମ୍ପନ
ଯିଏ ଚଞ୍ଚଳ କରୁଥିଲା
ସୋରିଷ ଫୁଲିଆ ମନ।

କୃଷ୍ଣଚୁଡାର ପାଖୁଡାରେ
ଗ୍ୟାଲନ ଗ୍ୟାଲନ୍ ବିଭୋରପଣ
ଜଡ଼େଇ ଧରୁଥିଲା ଶୋଭନ ବେଶେ
ଶେଫାଳିର ପ୍ରତିଟି ସ୍ପନ୍ଦନ।

କୁଇଫୁଲର ଡେଣାରେ
ଲେଖୁଥିଲା ଶୀତର ସମ୍ମୋହନ
କାନିରେ ଗଣ୍ଠି ଦେଇ କହିଥିଲା
ସକାଳର ଛାତିରେ ଆଙ୍କିବା
ଆଭାମୟ ଜୀବନର
ନିଆରା ପରିଭାଷା।

ହେଲେ ଦୁର୍ବୋଧ ଏ ନିୟତି
କେମିତି ଯେ ହଜିଗଲା ତୃପ୍ତି ସ୍ଥିତି
ହୃଦୟରେ ମମତା ସଂପ୍ରୀତି
ଛାଇପରି ଅଜାଣତେ।

କାହାରିକୁ ନ କହି ପଦେ
ଖୋଜୁଛି ସମୟ ଫାଙ୍କରେ
ସେଇ ଫୁଲାଣିଆ ମନ
ବୁଣିଦେଇ ବୁନ୍ଦାବୁନ୍ଦା ଆପଣାପଣ।

❤ବୁର୍ଲା, ସମ୍ବଲପୁର
ମୋ:୯୪୩୯୨୧୧୯୭୧

ଝର୍କା ସେପଟ ପୃଥିବୀ
ଡ. ଶ୍ରୀଧର ସାମଲ

ଆଜି ସକାଳୁ ସକାଳୁ
ଏବେ ଏବେ..
ହଠାତ୍ ଇତସ୍ତତଃ ତୁମ
କେଶ ବିନ୍ୟାସ ପରି
ସାରା ଆକାଶଟା ହାତ ପାପୁଲିରେ...

ଖୁବ୍ ମେଘାଚ୍ଛନ୍ନ ହୋଇଗଲା ମନ
ଝର୍କା ସେପଟ ପୃଥିବୀ
ହଠାତ୍ ନଇଁପଡ଼ିଲା ଘର ଅଗଣାରେ..
ବାଦଲଫଟା ବର୍ଷାରେ
ଜଳବନ୍ଦୀ ହୋଇଗଲା
ତମାମ ଭାବନାରେ ଖାଲି ଶୂନ୍ୟସ୍ଥାନ..

ଅଭିମାନ ଭରା ସ୍ୱରରେ
ଲୋଟିଗଲା ମାଟିର ନରମ ଛାତିରେ
ଚାରିଆଡ଼େ ସୁଁ ସୁଁ ତୁମ କାନ୍ଦର ଶବ୍ଦରେ...
ଭାଙ୍ଗିଗଲା ନିଦ ।

ରାତିର ଅଧା ସ୍ୱପ୍ନମାନେ
ଅଳସ ଭାଙ୍ଗିବା ବେଳକୁ...,
ଅଚାନକ ତମ ଆବିର୍ଭାବ
ଅସମୟରେ ଭାବନାକୁ
ଓଦାକରି ଦେଖାହେଲା
ତମ ସହ ମଝି ରାସ୍ତାରେ

ଓଦା ସରସର ହୋଇ
ତୁମେ ନିଜକୁ ସଙ୍କୋଚରେ
ଭିଡ଼ି ଆଣି ଶାଢ଼ୀର କାନିରେ
ଲୁଚେଇଦେଲ..,
ଅଧା ଦୃଶ୍ୟମାନ ହେଉଥିବା
ନିଜ ଦେହକୁ...
ବର୍ଷା ପିଇ ଚାଲିଥିଲା ତମ ଓଠ,
ସତେଜ କଅଁଳ ପତ୍ରପରି
ବେଶ୍ ତମେ ଦିଶୁଥିଲ ସତେଜ ।

ଭିଜିବାକୁ ହୁଏ ଏମିତି
ଅଦୃଶ୍ୟ ବର୍ଷାରେ...
ଆଖିରୁ ନିଗିଡ଼ିବାଯାଏ ପାଣି,
କିଛି ପାଣି ପିଇଯାଏ ଓଠ
ଶୋଷ ଶେଷ ହେବାଯାଏ...
ମିଶିବାକୁ ହୁଏ ନିର୍ଲିପ୍ତରେ
ମୁଗ୍ଧ ଅନୁଭବ ସାଥିରେ

ଝର୍କା ସେପାଖ ଦିଗବଳୟ ଡେଇଁ
ଦଲକାଏ ପବନ
ପଶିଆସେ ନିବୁଜ କୋଠରୀକୁ
ନିଜ ଦୁନିଆରେ ଏମିତି
ମାଟିମଗ୍ନ ହୋଇ...
ନିଆରା ଅନୁଭୂତିରେ
ବଞ୍ଚିବାକୁ ହୁଏ ସବୁଦିନ ।

❤ସମ୍ପାଦକ, ମୌସୁମୀ ସାହିତ୍ୟ ପରିଷଦ
କେନ୍ଦ୍ରାପଡ଼ା
ମୋ: ୯୪୩୭୬୦୭୯୯୭

ହେ ମହାକାଳ !
ଅଭୟ ଦାସ

ହେ ସୀମାହୀନ ସୁନୀଳ ଆକାଶ,
ମୋତେ ଦିଅ କିଛି ନିରୂତା ଆପଣାପଣ
ଇନ୍ଦ୍ରଧନୁର ନମ୍ର ଆଲିଙ୍ଗନ
ସୁଶୀତଳ ଦକ୍ଷିଣାପବନ ।

ହେ ପୃଥିବୀ, ଦିଅ ମୋତେ
ଛଳଛଳ ଆବେଗର ଭରା ନଈଟିଏ;
ଦିଅ ରଙ୍ଗବେରଙ୍ଗ ପକ୍ଷୀର
ମିଠା କଳରବ,
ଦିଅ ମୋତେ ଦିଗନ୍ତବିସ୍ତାରୀ ସବୁଜିମାର
ଅଦେଖା ଚୁମ୍ବନ ।

ଗୋଟେ ପ୍ରଶାନ୍ତ ଶୁଭ୍ର ସକାଳ ପାଇଁ
କାହାର ନଥାଏ ଯେ ଅପେକ୍ଷା ?
କାହାର ନଥାଏ ଅଭୀପ୍ସା
ଭୂମିରୁ ଭୂମା ପର୍ଯ୍ୟନ୍ତ ବ୍ୟାପିଯିବାକୁ
ପଲକ ମାତ୍ରକେ ?

ଏବେ ଖାଲି ମହାକାଳର
ଆଦେଶକୁ ଯାହା ଅପେକ୍ଷା;
ଦଶ ଦିଗପାଳଙ୍କୁ ସାକ୍ଷୀ ରଖି
ମୁଁ ପୁଣିଥରେ ପାଲଟିଯିବାକୁ ଚାହେଁ
ଏକ ନିମିତ୍ତ ମାତ୍ର ଈଶ୍ୱର କଣିକା ।

ହେ ମହାକାଳ !
ତ୍ରସ୍ତ ଏକ ଦୀପଶିଖାର
ସ୍ତିମିତ ଆୟୁଷ ନେଇ
ତଥାପି ମୁଁ ବଂଚିବାକୁ ଚାହେଁ
ଆଉ କିଛି କାଳ;
ନିସ୍ତରଂଗ ସମୟର ପାପୁଲିରେ
କ୍ଷୁଦ୍ର ତିଳଚିହ୍ନଟିଏ ହୋଇ
ମୁଁ ଲାଖି ରହିବାକୁ ଚାହେଁ କାଳକାଳ;
ମୋତେ ନିର୍ଦ୍ଦେଶ ଦିଅ ହେ ମହାକାଳ !

❤ବହିଘର, ସିନେମାବଜାର
ବାଲେଶ୍ୱର-୭୫୬୦୦୩
ମୋ: ୮୩୨୮୯୦୯୦୩୦

ଦୁଃଖ
ଭରତ ଚନ୍ଦ୍ର ଦାଶ

ଦୁଃଖକୁ
କେହି କ'ଣ ଖୋଜେ
ନା ସେ ପଣ୍ୟ ସାମଗ୍ରୀ
ତାକୁ କ୍ରୟ ବିକ୍ରୟ କରିହେବ
ବଜାରରେ ଅବା ଡାକଯୋଗେ
ମଗାଇ ପାରିବେ ରାଜଧାନୀରୁ ।
ଦୁଃଖକୁ କେହି କେଉଁଠି ବୁଲିବାର
ଅବା ମଉଜ ମଜଲିସ୍ କରିବାର ଦେଖିଛ
ସେ ଏକ ଅତୃପ୍ତ ଅଶରୀର ଆତ୍ମା
ଯାହା ଦେହରେ ସବାର ହୁଏ
ତା'ର ଆଚରଣ ଉଚ୍ଚାରଣରୁ
ଅନୁଭବ କରିହୁଏ ଦୁଃଖ କ'ଣ ।

ଦୁଃଖକୁ ମୁଁ ବନ୍ଧୁ କରିଛି କେଉଁକାଳୁ
ନା ସେ ମୋତେ ଛନ୍ଦିପାରେ
ନା ମୁଁ ତାକୁ ଛାଡିପାରେ ମୋ ମାନସରୁ
ସେ ଅଛି ବୋଲିତ

ଜୀବନ ଜୀଇବାର କଳା
ମୋତେ କୁଶଳତା ଶିଖାଇଛି
ପାଦ ସଳଖି ଚାଲିବାର
ଛାତି ଫୁଲାଇ ଦମ୍ଭ ଦେଖାଇବାର
ଆସ୍ପର୍ଦ୍ଧା କରିଛି କାଳର ଏ
କଳା ମଚମଚ ରାସ୍ତାରେ ।
ଦୁଃଖକୁ କେହି ଚାହାଁନ୍ତି ନାହିଁ
ସେ ତ ଆପଣାଛାଏଁ ଆସେ
କାମନା ଓ ବାସନାର ହାତଧରି ପରସ୍ପର
କଥାବାର୍ତ୍ତା ହୋଇ ଏମିତି ତୁମ ଆମପରି ।
ଦୁଃଖ ଏକ ଜୀବନର ଚିତ୍ରକଳ୍ପ
ରୂପକଳ୍ପ ପ୍ରତୀକ
ଏକ ଅଦୃଶ୍ୟ ଅସ୍ପଷ୍ଟ ସତ୍ତାର

ଦୁଃଖକୁ ଯିଏ ଆପଣାଇଛି
ନିଜର ଭାବିଛି
ତା' ନିକଟରେ ସେ
ଅସହାୟ ନିରୂପାୟ ନିସ୍ତେଜ
ଜୀବନ ନଇଁଯାଏ, ଭାଙ୍ଗିଯାଏନି ସେ ।

ସୁନାକୁ କଷଟିରେ କଷିଲା ପରେ ସେ
ଉଜ୍ଜ୍ୱଳ ହୋଇଉଠେ
ଜୀବନ ଦୁଃଖର ତତଲା
କରେଇରେ ଏପଟ ସେପଟ
ହେଲେ ସେ ସମୁଜ୍ଜ୍ୱଳ
ସେ ଜ୍ୟୋତିଷ୍ମାନ ପାରଦ ପରି ସେ ଶୁଭ୍ର
ସେ ସତେଜ ଦୁଃଖ ଅଛି ବୋଲିତ
ଜୀବନଟିଏ ଅଛି
ଦୁଃଖ ଘନ ଅନ୍ଧକାରରେ
ଜଳୁଥିବା ନିଷ୍ପ୍ରଭ ପ୍ରଦୀପ
ଦୁଃଖ ଦେହ ଦେଉଳର
ବାସ୍ନାୟିତ ମହକର ଧୂପ ।

❤ସଚିବ, ସୃଜନ ଶ୍ରୀକ୍ଷେତ୍ର,ମାର୍କୋଣା
ସିମୁଳିଆ,ବାଲେଶ୍ୱର -୭୫୬ ୧୨୬
ମୋ:୮୯୮୪୪୩୯୧୬୬

କେହି ଜଣେ
ରଶ୍ମିବାଳା ଶତପଥୀ

ଆସିଥିଲା ଧସେଇ ପସେଇ ହୋଇ
ମୋ ଜୀବନର ଆଗଣାକୁ
ଭଗ୍ନ ପ୍ରସାଦକୁ ଇନ୍ଦ୍ରପ୍ରସ୍ଥ କରିବାର
ସ୍ୱପ୍ନରେ,
ଆଶାର ବ୍ରହ୍ମକମଳ ତୋଳି
ଐରାବତ ହସ୍ତୀ ନେଇ
ସଜେଇବାକୁ ମୋ ମନ ଅଗଣାର
ସୁନ୍ଦରତାକୁ ।

କେହି ଜଣେ କଥା ଦେଇଥିଲା
ହାତଧରି ଚାଲିବାକୁ

ଶ୍ମଶାନର ପାଦଦେଶରୁ
ଫେରେଇ ଥିଲା ହାତଧରି,
ଜୀଇବାର ସ୍ୱପ୍ନ ଦେଇ
ଆଶାର ଦୀପ ଜଳେଇ
ଉଭାନ୍ ହୋଇଗଲା କେଉଁ ଅଫେରା ରାଇଜକୁ।

କେହି ଜଣେ
ପ୍ରତିଜ୍ଞା କରିଥିଲା ଜୀବନ ସାଥୀ ହେବାକୁ
ହେଲେ ଗ୍ରୀଷ୍ମତାର ଲୁ ଯେ ବହିବ

ଟାଣୁଆ ଖରାରେ ଭୀତତ୍ରସ୍ତ ସେ ହୋଇଯିବ,
ଜାଣି ନଥିଲା ସେ
ଜାଣିଥିଲେ କଣ ସେ ଆସିଥାନ୍ତା
ସୌଦାଗର ସାଜି ନିଜକୁ ଚଢ଼ା ଦରରେ
ବିକ୍ରି କରିବାକୁ।

କେହି ଜଣେ
ଫେରି ଯାଇଥିଲା ସେଦିନ
ମିଥ୍ୟା ଆଶ୍ୱାସନା ସ୍ୱାଦ ଚଖେଇ,
ଜଳନ୍ତା କ୍ଷତରେ ଅବିଶ୍ୱାସର ମଲମ ଲଗେଇ
ଇନ୍ଦ୍ରପ୍ରସ୍ଥ ଗଢିବାର ସ୍ୱପ୍ନସବୁ କଣ ଗଢି ହୁଏ
ଛୁଞ୍ଚି ମୁନେ ଜମିରେ !!
ଏହା କଣ ସମ୍ଭବ; ଆଜି ବି ପ୍ରଶ୍ନବାଚୀ ।

❤ ଯାଜପୁର ଟାଉନ,
ଯାଜପୁର

ନିରବ ନୈରାଶ୍ୟ
ଡକ୍ଟର ଜ୍ୟୋତ୍ସ୍ନାରାଣୀ କର

ନା ଅଜଣା ଫୁଲର ସମ୍ଭାର,
କ୍ଳାନ୍ତିର ତାରାପଙ୍କ୍ତି
ବୈଶାଖର ଧୂ ଧୂ ଖରାରେ ନିର୍ମମ
ଜୀବନଗୀତି ।

ନିର୍ଝରଣୀର କଳରବରେ
ଝଙ୍କୃତ ସମୟ ଧାରା

ଶୂନ୍ୟତାର ପଦପାତରେ ନିଃସ୍ୱ ରାଗିଣୀରେ ଧରା ।
ନୀରବ ନୈରାଶ୍ୟର କୁହେଳିରେ ଜୀବନ
ମୁହୂର୍ତ୍ତର ଖାଲିପଣ କରିଦିଏ ଉନ୍ମଜ୍ଜନ ।

ଟିକିଏ ଆଭାସରେ ଅବିରତ ଖଣ୍ଡଖଣ୍ଡ ସ୍ଥିତି
ତାଙ୍କ ଚେତନାର ଜାଗରଣ
ଅଜେୟ ଅନୁପସ୍ଥିତି ।

ଅବିଚଳିତ ଅମ୍ବର ଆଉ ମୋହମଗ୍ନ ଧରା
ବିଚ୍ଛିନ୍ନ ପ୍ରାଣତନ୍ତ୍ରୀ ସତେ ମେଘଗ୍ରସ୍ତ ତାରା ।
କେହି ନାହିଁ ସାହା ଏଠି, ନାହିଁ ଏଠି ରାହା
ଜଟିଳ ଜୀବନ ଧାରା ଲାଗେ ଧୂଆଁ ଧୂଆଁ ।

❤ସହକାରୀ ପ୍ରାଧ୍ୟାପିକା, ଓଡିଆ ବିଭାଗ,
ମଡେଲ ଡିଗ୍ରୀ କଲେଜ, ନୟାଗଡ଼

ଭାରତୀୟ ପ୍ରଶାସନିକ ସେବରେ କୃତକାର୍ଯ୍ୟ ହେଲେ ବଲାଙ୍ଗିର ପୁଅ ସାଇରାଜ

ବଲାଙ୍ଗିର, ୨୨/୪ (ନି.ପ୍ର): ବଲାଙ୍ଗିର ସହରର ନାଳଖଣ୍ଡିପଡା ନିବାସୀ ସଞ୍ଜୟ ମିଶ୍ରଙ୍କ ପୁଅ ସାଇରାଜ ମିଶ୍ର ୫୯୧ ରାଙ୍କରେ ରହି ଭାରତୀୟ ସିଭିଲ ସର୍ଭିସ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି । ସିଭିଲ ସର୍ଭିସ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ବଲାଙ୍ଗିର ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି । ସାଇରାଜ ପୂର୍ବରୁ ଦୁଇଥର ପରୀକ୍ଷା ଦେଇଥିଲେ । ମାତ୍ର ପ୍ରଥମ ଥର ପ୍ରିଲିମ' ଏବଂ ଦ୍ୱିତୀୟ ଥର ମେନ୍' ପର୍ଯ୍ୟାୟରେ ବିଫଳ ହୋଇଥିଲେ । କିନ୍ତୁ ଏଥିରେ ସେ ଭାଙ୍ଗି ନପଡ଼ି ପ୍ରସ୍ତୁତି ଜାରି ରଖିଥିଲେ । ଯାହାକି ଆଜି ତାଙ୍କୁ ସଫଳତା ଦେଇଛି । ବର୍ତମାନ ସେ ଓ୍ୱାଲଟିୟରସ୍ଥିତ ଆୟକର ବିଭାଗରେ ଟ୍ୟାକ୍ସ ଆସିଷ୍ଟାଣ୍ଟ(ଟିଏ) ଭାବରେ କାର୍ଯ୍ୟରତ ଅଛନ୍ତି । ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି, ପିଲାଦିନରୁ ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେବା ତାଙ୍କର ସ୍ୱପ୍ନ ଥିଲା, ଯାହା ଆଜି ସଫଳ ହୋଇଛି । ଗତ ଦୁଇଥର ସେ ବିଫଳ ହେବାପରେ ବି ହାର ମାନି ନଥିଲେ କିମ୍ବା ଏଥିର ମଧ୍ୟ ମନଦୁଃଖ କରିନଥିଲେ । ପ୍ରଶାସକ ହେବା ପାଇଁ ପରିଶ୍ରମ, ନିଷ୍ଠା ସହ ଧର୍ଯ୍ୟ ନିହାତି ଆବଶ୍ୟକ । ଯାଁଙ୍କୁ ନେଇ ମୁଁ ଖୁସି ଅଛି ବୋଲି ସେ କହିଛନ୍ତି । ସ୍ଥାନୀୟ ରୁଗୁଡିପଡା ନାଳଖଣ୍ଡି ପଡା ବାସିନ୍ଦା ତଥା ମେଡ଼ିକାଲ ରିପ୍ରେଜେଂଟେଟିବ୍ ସଞ୍ଜୟ ଏବଂ ଶିକ୍ଷୟିତ୍ରୀ ରେଣୁକା ଶତପଥୀଙ୍କ ପୁଅ ସାଇରାଜ ସ୍ଥାନୀୟ ବିଶ୍ୱାତ୍ମା ବିଦ୍ୟାମନ୍ଦିରରୁ ଦଶମଶ୍ରେଣୀ ପାଠ ପଢ଼ିବା ପରେ ଯୁବୋଦୟ ହାୟର ସେକେଣ୍ଡାରୀ ସ୍କୁଲରୁ ବିଜ୍ଞାନ ପାଠ୍ୟକ୍ରମରେ ଯୁକ୍ତଦୁଇ ଶିକ୍ଷା ଗ୍ରହଣ କରିଥିଲେ । ସେହିପରି ଭୁବନେଶ୍ୱରସ୍ଥିତ ବିଜେବି ମହାବିଦ୍ୟାଳୟରୁ ଭୂଗୋଳ ସମ୍ମାନରେ ଡ଼ିଗ୍ରୀ ହାସଲ କରିଥିଲେ । ୬ ମାସ ତଳେ ସେ ଆୟକର ବିଭାଗରେ ଚାକିରି ପାଇଥିଲେ । ଏହି ସଫଳତାକୁ ନେଇ ପରିବାର ଲୋକଙ୍କ ସହିତ ବଲାଙ୍ଗିରବାସୀ ବହୁତ୍ ଗର୍ବିତ ଅନୁଭବ କରୁଛନ୍ତି ।

ଜନ ଆଶିର୍ବାଦ ସଭାରେ ଯୋଗ ଦେଲେ ହଜାର ହଜାର ବରିଷ୍ଠ ନାଗରିକ ଓ ବୁଦ୍ଧିଜିବୀ

ବଲାଙ୍ଗୀର, ୨୨/୪ (ନି.ପ୍ର): ହଜାର ହଜାର ସଂଖ୍ୟାରେ ଅଂଚଳରୁ ବୁଦ୍ଧିଜିବୀ ବରିଷ୍ଠ ନାଗରିକ ମତେ ଆଶିର୍ବାଦ ଦେବା ପାଇଁ ଆସି ଥିବାରୁ ମୁଁ କୃତଜ୍ଞ । ମୁଁ ପ୍ରତିଜ୍ଞା ଓ ପ୍ରତିଶ୍ରୁତି ଦେଉଛି ଅଂଚଳର ବିକାଶ ଦିଗରେ ପ୍ରୀୟ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ରଙ୍କ ପଦାଙ୍କ ଅନୁସରଣ କରିବି । ସେ ଦେଖେଇଥିବା ବାଟରେ ଚାଲିବି, ସମସ୍ୟା ସମାଧାନ କରିବା ଦିଗରେ ସେ ଯେପରି ପ୍ରତ୍ୟେକ ବର୍ଗ ଯଥା ଛାତ୍ର, ଯୁବକ, କୃଷକ, ଶ୍ରମିକ ମହିଳା ଓ ଅବହେଳିତମାନଙ୍କ ପ୍ରତି ସମ୍ବେଦନଶୀଳ ହୋଇ କାମ କରିଥାନ୍ତି ସେହି ଦିଗରେ ମୁଁ ଶତପ୍ରତିଶତ ଯତ୍ନବାନ ହୋଇ ଅଂଚଳ ତଥା ଲୋକଙ୍କ ସେବା କରିବି । ଆହୁରି ମଧ୍ୟ ଆମ ପ୍ରତିଦ୍ୱନ୍ଦି ଅଭିଜ୍ଞତା କଥା କହୁଛନ୍ତି ତେଣୁ ମୁଁ କହି ରଖୁଛି ଯେ ପର୍ଯ୍ୟନ୍ତ ଅଭିଜ୍ଞତାର ଅଂଚଳର ବିକାଶ ପାଇଁ ସକରାତ୍ମକ ଦିଗରେ ପ୍ରୟୋଗ କରିବା ପାଇଁ ବୁଦ୍ଧି ନ ଥାଏ ସେ ପର୍ଯ୍ୟନ୍ତ ସେ ଭଳି ଅଭିଜ୍ଞତା ମାନେ ନାହିଁ । ତେଣୁ ମୁଁ ନିଶ୍ଚିତ କହିବି ମୋ ସାମନାରେ ବସିଥିବା ବରିଷ୍ଠ ବ୍ୟକ୍ତି ବିଶେଷମାନେ ଢେର ଅଭିଜ୍ଞତା ଅର୍ଜନ କରିଛନ୍ତି ସେମାନେ ଆଗାମୀ ନିର୍ବାଚନରେ ତାଙ୍କ ଅଭିଜ୍ଞତା ଓ ଗତ ୧୦ ବର୍ଷର ଅନୁଭୁତି କୁ ପାଥେୟ କରି ନିଶ୍ଚିତ ଭାବରେ ଠିକ୍ ନିଷ୍ପତ୍ତି ନେଇ ମୋତେ ଆଶିର୍ବାଦ କରିବେ ବୋଲି ଶୁକ୍ରବାର ସ୍ଥାନୀୟ ହୋଟେଲ ସେଲିବ୍ରେସନ ନିକଟସ୍ଥ ପଡିଆ ଠାରେ ଅନୁଷ୍ଠିତ ଜନ ଆଶିର୍ବାଦ ସଭାରେ ବଲାଙ୍ଗିର ବିଧାନସଭା ନିର୍ବାଚନୀ ମଣ୍ଡଳି ପାଇଁ କଂଗ୍ରେସ ଦଳ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର କହିଛନ୍ତି । ସେ ଏହା ମଧ୍ୟ କହିଛନ୍ତି ଯେ ସବୁବେଳେ ମିଛ ର ନୁହେଁ ସତ୍ୟର ବିଜୟ ହୋଇଥାଏ । ଆଉ ଆପଣମାନେ ବେଶ୍ ଅଭିଜ୍ଞ । ଆପଣ ସତ୍ୟ ଓ ମିଛର ଫରକ ଅନୁଭବ କରି ସାରିଛନ୍ତି । ମୁଁ ତ ନିଶ୍ଚିତ ଭାବରେ କହିବି ଯେ ଆମ ଅଂଚଳରେ ଥିବା ରୋଡ ରାସ୍ତା ସତ୍ୟର ପଥ ନିଶ୍ଚୟ ଦେଖାଇବ, ଆମ ଅଂଚଳର ପିଇବା ପାଣି, ଆମ ଅଂଚଳର ଶିକ୍ଷା ଓ କ୍ରୀଡାଭିତ୍ତିଭୂମି, ମେଡିକାଲ କଲେଜ, ଲୋୟର ସୁକତେଲ ସତ୍ୟର ବିଜୟ ପାଇଁ ନିଶ୍ଚୟ ରାସ୍ତା କଢାଇବ ବୋଲି ସମରେନ୍ଦ୍ର କହିଥିଲେ । ଜନ ଆଶିର୍ବାଦ ସଭାର ପ୍ରାରମ୍ଭ ରେ ମାନ୍ୟବର ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଉପସ୍ଥିତ ସମସ୍ତ ବୁଦ୍ଧିଜିବି ଓ ବରିଷ୍ଠ ନାଗରିକମାନଙ୍କୁ ସ୍ୱାଗତ କରିବା ସହିତ ଅଂଚଳକୁ ବିକଶିତ କରିବା ପାଇଁ ସରକାରଙ୍କ ସହିତ କିପରି ଲଢେଇ କରାଯାଇଥିଲା ସୂଚନା ଦେଇଥିଲେ । ତା ସହ ସେ କହିଥିଲେ ଦୁର୍ନିତି ତଥା ନାରୀ ନିର୍ଯ୍ୟାତନା ରେ ଶୂନ୍ୟ ସହନଶିଳତା ନାରା ଦେଉଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ରାଜ ପରିବାର ବନ୍ଧୁଙ୍କ ୪ହଜାର କୋଟି ଟଙ୍କାର ସିଂଲି ଜମି ଦୁର୍ନିତି ଓ ବଧୂ ନିର୍ଯ୍ୟାତନାରେ ତାଙ୍କ ବିରୁଦ୍ଧରେ ନିର୍ବାଚନ ଲଢୁଥିବା ସମସ୍ତ ରାଜ ପରିବାର ସଂଶ୍ଳିଷ୍ଟ ଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି । ଏଥିରୁ ତାଙ୍କର ସ୍ୱଚ୍ଛତା ଓ ନିରପେକ୍ଷତା କେତେ ଜଣାପଡିଯାଉଛି । ସମରେନ୍ଦ୍ରଙ୍କୁ ଆଶିର୍ବାଦ ପ୍ରଦାନ କରିବାକୁ ସେ କହିଥିଲେ ଯେ ଯଦି ଓ ସମରେନ୍ଦ୍ର ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛି ମୁଁ କିନ୍ତୁ ରାଜନୀତିରୁ ଅବସର ନେଉ ନାହିଁ ।

ଅଖିଳ ଭାରତ ତୃତୀୟ ଶ୍ରେଣୀ ଦ୍ୱିତୀୟ ବାର୍ଷିକୀ ସମ୍ମିଳନୀ ଉଦ୍‌ଯାପିତ

ଜୟପୁର, ୨୨/୪ (ନି.ପ୍ର): ଜୟପୁର ପୁରୁଣାଗଡ଼ ସ୍ଥିତ ଏକ ମଙ୍ଗଳ ଭବନ,ଠାରେ ଦୁଇ ଦିନ ବ୍ୟାପି ଚାଲିଥିବା ଅଖିଳ ଭାରତ ତୃତୀୟଶ୍ରେଣୀ ଡାକ କର୍ମଚାରୀ ସଂଘ ଓଡ଼ିଶା ପରିମଣ୍ଡଳ ଏବଂ କୋରାପୁଟ ମଣ୍ଡଳର ଯୁଗ୍ମ ଦ୍ୱିବାର୍ଷିକ ସମ୍ମିଳନୀ ଆଜି ତୃତୀୟଶ୍ରେଣୀ ସଂଘର ସଭାପତି ପ୍ରଦିପ ରାଉତଙ୍କ ଅଧକ୍ଷତାରେ ଉଦଯାପିତ ହୋଇଯାଇଛି । ପ୍ରାରମ୍ଭରେ ଅଭ୍ୟର୍ଥନା କମିଟିର ଅଧକ୍ଷ ପୂର୍ବତନ ଡାକପାଳ ସାଥୀ ଭାସ୍କର ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ, ସଂଘର ପୂର୍ବତନ ସର୍ବଭାରତୀୟ ଉପ ସଭାପତି ସାଥୀ ରମେଶ ଚନ୍ଦ୍ର ମିଶ୍ର ସମ୍ମିଳନୀର ଖୋଲା ଅଧିବେଶନକୁ ଉଦଘାଟନ କରି କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କର୍ମଚାରୀ ମାରଣ ନୀତିର ତୀବ୍ର ସମାଲୋଚନା କରିଥିଲେ । କ୍ରମାଗତ ଦରବୃଦ୍ଧି, ବେକାରୀ ସମସ୍ୟା, ହିଂସା, ଅପରାଧ, ନାରୀ ନିର୍ଯାତନା ସହ ଗଣତନ୍ତ୍ର ଓ ସମ୍ବିଧାନ ଆଜି ଅସୁରକ୍ଷିତ ବୋଲି ଅଭିହିତ କରି ଜଣେ ଜଣେ ଦାୟିତ୍ୱସମ୍ପର୍ଣ୍ଣ ନାଗରିକ ହିସାବରେ ପ୍ରତ୍ୟେକ କର୍ମଚାରୀ ସଚେତନ ହେଇ ଆଗାମୀ ସାଧାରଣ ନିର୍ବାଚନରେ ସଠିକ ନିଷ୍ପତି ନେବାକୁ ଆହ୍ୱାନ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ଜୟପୁର ସିଟି କୋଅର୍ଡିନେସନ କମିଟିର ସମ୍ପାଦକ ସାଥୀ ପ୍ରମୋଦ ମହାନ୍ତି ଯୋଗଦେଇ ଡାକ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ବିସ୍ତୃତ ବିବରଣୀ ରଖି ସେସବୁର ସମାଧାନ ପାଇଁ ଦଳମତ ନିର୍ବିଶେଷରେ ସମସ୍ତେ ଏକଜୁଟ ହୋଇ ଲଢେଇ କରିବାକୁ ମତ ପ୍ରକାଶ କରିଥିଲେ । କେନ୍ଦ୍ର ସରକାରୀ କର୍ମଚାରୀ ଓ ଶ୍ରମିକ ପରିସଂଘ, ଓଡିଶା ରାଜ୍ୟ ସମନ୍ୱୟ ସମିତିର ସାଧାରଣ ସମ୍ପାଦକ ସାଥି ବୃହସ୍ପତି ସାମଲ ଅନ୍ୟତମ ମୁଖ୍ୟ ବକ୍ତାଭାବେ କେନ୍ଦ୍ର ସରକାରଙ୍କ କର୍ମଚାରୀ ମାରଣ ନୀତିର ତୀବ୍ର ବିରୋଧ କରି ନୂତନ ପେନସନ ଯୋଜନାର ସମ୍ପୂର୍ଣ୍ଣ ଉଚ୍ଛେଦ ସହ ପୁରୁଣା ପେନସନ ଯୋଜନାର ପୁନଃପ୍ରଚଳନ, ଅଷ୍ଟମ ବେତନ ଆୟୋଗ ଗଠନ ଇତ୍ୟାଦି ଦାବିରେ ଆଗାମୀ ଦିନରେ ରାଷ୍ଟ୍ରୀୟ ଯୁଗ୍ମ କାର୍ଯ୍ୟକାରିଣୀ ପରିଷଦ ଆହ୍ୱାନରେ ରେଳବାଇ ସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରୀ କର୍ମଚାରୀ ଏବଂ ଶିକ୍ଷକମାନଙ୍କୁ ନେଇ ହେବାକୁଯାଉଥିବା ଅନିର୍ଦ୍ଦିଷ୍ଟକାଳୀନ ଧର୍ମଘଟକୁ ସଫଳ କରିବା ପାଇଁ ଆହ୍ୱାନ ଦେବାସହ ସଂଘର୍ଷ ହିଁ ସଫଳତାର ଏକମାତ୍ର ଚାବିକାଠି ଏବଂ ସଂଘର୍ଷ ପାଇଁ ସଦା ପ୍ରସ୍ତୁତ ରହିବାକୁ ନିବେଦନ କରିଥିଲେ । ଅନ୍ୟତମ ବକ୍ତା ଭାବେ ଅଖିଳ ଭାରତ ପୋଷ୍ଟମ୍ୟାନ ଓ ଏମଟିଏସ ସଂଘର ରାଜ୍ୟ ସମ୍ପାଦକ ତଥା ସର୍ବଭାରତୀୟ ଉପ ସଭାପତି ସାଥି ଏମ ଚନ୍ଦ୍ରଶେଖର ରାଓ ଯୋଗଦେଇଥିଲେ । ଖୋଲା ଅଧିବେଶନ ଶେଷରେ ଅବସର ଗ୍ରହଣ କରିଥିବା କର୍ମଚାରୀଙ୍କୁ ଅଭ୍ୟର୍ଥନା କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା ଓ ଆଗାମୀ ଦୁଇବର୍ଷ ପାଇଁ କର୍ମକର୍ତା ନିର୍ବାଚିତ ହୋଇଥିଲେ । ସଭାପତି ଚନ୍ଦ୍ର ଶେଖର ସିଂ, ସଂମ୍ପାଦକ ରାଜେଶ ବହିଦାର ଓ କୋଷାଧକ୍ଷ ସୁରଥ କୁମାର ଖୁଣ୍ଟିଆ ଚତୁର୍ଥଶ୍ରେଣୀ ସଂଘର ନିର୍ବାଚିତ ହୋଇଥିଲେ । ସଭା ଶେଷରେ କୋରାପୁଟ ମଣ୍ଡଳର ସମ୍ପାଦକ ଅମୀୟ ରଞ୍ଜନ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ । ସାଥି ପୂର୍ଣ୍ଣଚନ୍ଦ୍ର ମହାରଣା, ନୀଳାୟର ନାୟକ, ଗୀତା ଜୟନ୍ତୀ ପାତ୍ର ଓ କୋରାପୁଟ ମଣ୍ଡଳର ସମସ୍ତ ସଭ୍ୟ ମଂଚ ପରିଚାଳନାରେ ସହଯୋଗ କରିଥିଲେ ।

ମରଣାନ୍ତକ ଆକ୍ରମଣ ମାମଲାରେ ଅଭିଯୁକ୍ତ ଅଦାଲତ ଚାଲାଣ

କୋରେଇ, ୨୨/୪ (ନି.ପ୍ର): ଦୀର୍ଘ ୩ମାସ ପରେ ମରଣାନ୍ତକ ଆକ୍ରମଣର ମୁଖ୍ୟ ଅଭିଯୁକ୍ତକୁ ପୁଲିସ ଗିରଫ କରିବାରେ ସକ୍ଷମ ହୋଇଛି । ଗିରଫ ପରେ ଆଜି ତାକୁ ଅଦାଲତ ଚାଲାଣ କରିଛି ପୁଲିସ । ପ୍ରକାଶ ଯେ ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନା ପଂଚାୟତର କୁରୁପଦା ଗ୍ରାମରେ ଗତ ଜାନୁଆରୀ ୨୩ ତାରିଖ ଦିନ ଏକ ଗଣ୍ଡୋଗୋଳ ଘଟି ମରଣାନ୍ତ ଆକ୍ରମଣ ହୋଇଥିଲା । ଏନେଇ କୁରୁପଦା ଗ୍ରାମର ଗଙ୍ଗାଧର ଦାସଙ୍କ ପୁଅ ସୁଦର୍ଶନ ଦାସ ପାଣିକୋଇଲି ଥାନାରେ ଅଭିଯୋଗ କରିଥିଲେ । ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ତାଙ୍କ ଗ୍ରାମର ଜଗନ୍ନାଥ ଦାସଙ୍କ ପୁଅ ତ୍ରିଲୋଚନ ଦାସ ତାକୁ ଜିନିଷ କ୍ରମୟ ସମୟରେ ସହଯୋଗୀ ସହ ତାଙ୍କୁ ଲୁହାରଡ଼ରେ ପିଟି ମରଣାନ୍ତକ ଆକ୍ରମଣ କରିଥିଲେ । ଅଭିଯୋଗ ପରେ ପୁଲିସ ଏକ ମାମଲା ୫୭/୨୪ ରୁଜୁକରି ତଦନ୍ତ ଜାରି ରଖିଥିଲା । ମାତ୍ର ତ୍ରିଲୋଚନ ପୁଲିସ ଆଖିରେ ଧୂଳି ଦେଇ ଫେରାର ଥିଲା । ପୁଲିସ ତାର ଗତିବିଧି ଉପରେ ନଜର ରଖି ତାକୁ ଶନିବାର ଗିରଫ କରିବା ପରେ ଆଜି ଅଭିଯୁକ୍ତ ତ୍ରିଲୋଚନ ଦାସ(୪୨)କୁ ଅଦାଲତ ଚାଲାଣ କରିଛି ।

ଦୀର୍ଘ ଏକ ଘଂଟାରୁ ଉର୍ଦ୍ଧ୍ୱ ଜାମ୍‌ରେ ଫସିଲା ଦୁଇ ଆମ୍ବୁଲାନ୍ସ : ରୋଗୀ ହନ୍ତସନ୍ତ

ଚମ୍ପୁଆ, ୨୨/୪ (ନି.ପ୍ର): ଚମ୍ପୁଆରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଟ୍ରାଫିକ ନିୟନ୍ତ୍ରଣରେ ଚମ୍ପୁଆ ପୋଲିସ ସମ୍ପୂର୍ଣ୍ଣ ବିଫଳ ହେଉଥିବା ଦେଖିବାକୁ ମିଳୁଛି । ବିଶେଷ କରି ଚମ୍ପୁଆ - ରିମୁଳି ୨୦ ନମ୍ବର ଜାତୀୟ ରାଜପଥ ର ଟ୍ରାଫିକ ସମସ୍ୟା ଏବେ ଚମ୍ପୁଆ ଅଞ୍ଚଳ ରେ ଅସନ୍ତୋଷ କୁ ପୁଞ୍ଜିଭୂତ କରୁଛି । ରାସ୍ତା ଜାମ ଏବେ ନିତିଦିନିଆ ଘଟଣା ଘଟିଥିବା ବେଳେ ରାସ୍ତା ଯାମ ଯୋଗୁଁ ଘଂଟା ଘଂଟା ଧରି ଆମ୍ବୁଲାନ୍ସ ଜାମ ରେ ଫସି ରହିବାପରି ଅଭାବନୀୟ ଘଟଣା ସାଧାରଣରେ ଅସନ୍ତୋଷ କୁ ପୁଞ୍ଜିଭୂତ କରୁଛି । ଗତ କାଲି ସନ୍ଧ୍ୟା ରେ ରାସ୍ତା ଜାମ ରେ ଏକା ଥରକେ ଦୁଇଟି ଆମ୍ବୁଲାନ୍ସ ଦୀର୍ଘ ସମୟଧରି ଫସି ରହିବାରୁ ଆମ୍ବୁଲାନ୍ସ ରେ ଥିବା ରୋଗୀ ମାନେ ହନ୍ତସନ୍ତ ହୋଇଥିବା ଦେଖିବାକୁ ମିଳିଛି । ଖବର ଅନୁସାରେ ଗତକାଲି ରାତିରେ ଚମ୍ପୁଆସ୍ଥ ୨୦ ନମ୍ବର ଜାତୀୟ ରାଜପଥ ରେ ପ୍ରବଳ ଗାଡି ଜାମ ଯୋଗୁଁ ସାତକୁଟୁଣିଆ ଠାରେ ଦୁଇଟି ଆମ୍ବୁଲାନ୍ସ ଦୀର୍ଘ ଏକ ଘଂଟାରୁ ଉର୍ଦ୍ଧ ସମୟ ଧରି ଫସି ରହିବା କାରଣରୁ ରୋଗୀଙ୍କୁ ବହୁ ହନ୍ତସନ୍ତ ହେବାକୁ ପଡିଛି । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖିବାକୁ ମିଳିଛି । ସୂଚନା ଯୋଗ୍ୟକି, ଚମ୍ପୁଆ -ରିମୁଳି ୨୦ ନମ୍ବର ଜାତୀୟ ରାଜପଥରେ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଲୁହା ପଥର ବୋଝେଇ ଟ୍ରକ, ଟ୍ରଲର ଆଦି ଯିବା ଆସିବା କରୁଥିବାବେଳେ କେବଳ ନୋଏଂଟ୍ରି ସମୟକୁ ଛାଡି ଦେଇ ଅନ୍ୟ ସମୟରେ ଟ୍ରକ ଗୁଡିକ ପ୍ରତି ପୋଲିସ ପ୍ରଶାସନର କୌଣସି ନିୟନ୍ତ୍ରଣ ରହୁ ନ ଥିବାରୁ କିଛି ବେପରୁଆ ଗାଡି ଚାଳକଙ୍କ ପାଇଁ ଛୋଟ, ବଡ଼ ଦୁର୍ଘଟଣା ଘଟିବା ସହିତ ପ୍ରାୟ ପ୍ରତିଦିନ ରାସ୍ତା ଜାମ ହେଉଥିବା ବେଳେ ସାଇକେଲ, ମୋଟରସାଇକେଲ, କାର ଆଦି ଛୋଟ ଗାଡି ଏବଂ ସାଧାରଣ ଯାତ୍ରୀଙ୍କ ସମେତ ଅନେକ ସମୟରେ ଆମ୍ବୁଲାନ୍ସ ଗୁଡିକ ମଧ୍ୟ ଘଂଟା ଘଂଟା ଧରି ଜାମରେ ଫସି ରହୁଛନ୍ତି । ଫଳରେ ରୋଗୀ ଠିକ ସମୟରେ ଆମ୍ବୁଲାନ୍ସ ସେବା ପାଇ ପାରୁ ନାହାନ୍ତି । ତେବେ ସ୍ଥାନୀୟ ପ୍ରଶାସନର ଅପାରଗତା ପାଇଁ ଚମ୍ପୁଆରେ ଏପରି ସମସ୍ୟା ବୃଦ୍ଧି ପାଉଥିବା କୁହାଯାଉଥିବା ବେଳେ ଏହାକୁ ନେଇ ଦିନକୁ ଦିନ ସାଧାରଣରେ ଅସନ୍ତୋଷ ପୁଞ୍ଜିଭୂତ ହେବାରେ ଲାଗିଛି । ତେଣୁ ଚମ୍ପୁଆ ରେ ଟ୍ରାଫିକ ସମସ୍ୟା ପ୍ରତି ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଦାବୀ ହେଉଛି ।

ଗଙ୍ଗାଧର ସାହୁଙ୍କ ସ୍ମୃତିଚାରଣ ସଭା

କୋରେଇ, ୨୨/୪ (ନି.ପ୍ର): କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ପଂଚାୟତର ଓଚିନ୍ଦା(ତାଜପୁର) ଗ୍ରାମର ପ୍ରତିଷ୍ଠିତ ବ୍ୟବସାୟୀ ତଥା ସମାଜସେବୀ ଗଙ୍ଗାଧର ସାହୁଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଶନିବାର ରାତ୍ରୀରେ ତାଙ୍କ ବାସଭବନ ପରିସରରେ ସ୍ୱର୍ଗତ ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ସ୍ମୃତିଚାରଣ ସଭା କୃଷକ ନେତା ବଳରାମ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ପରିଷଦ ଅଧକ୍ଷା ନଳନୀପ୍ରଭା ଜେନା, ସରପଂଚ ମଧୁସ୍ମିତା ବାରିକ, ବରିଷ୍ଠ ସମ୍ବାଦିକ ସୁବାସ ଧଳ, ଶ୍ରମିକ ନେତା ରଘୁନାଥ ମାଝୀ, ବରିଷ୍ଠ ନେତା ଅଦୈତ୍ୟ ଚରଣ ଦାଶ, ବିଷ୍ଣୁଚରଣ ରାଉତ, ଗଙ୍ଗାଧର ସାହୁ, ନିରଂଜନ ରାଉତ, କଳ୍ପତରୁ ମହାପାତ୍ର ପ୍ରମୁଖ ସ୍ୱର୍ଗତ ସାହୁଙ୍କ ସ୍ମୃତିଚାରଣ ସହିତ ତାଙ୍କ ବ୍ୟବସାୟୀକ ଓ ରାଜନୈତିକ ଜିବନୀ ସମ୍ପର୍କରେ ଆଲୋକପାତ କରିବା ସହ ତାଙ୍କ ପରିବାର ସେହି ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ । ଭାଇ ଭାଗିରଥି ସାହୁ, ଦାଶରଥି ସାହୁ, ଦିବାକର ସାହୁ, ପଂଚାନନ ସାହୁ, ପାଣ୍ଡବ ଚରଣ ସାହୁ, ପୁତ୍ର ଗଦାଧର ସାହୁ, ପୂତ୍ରବଧୂ ପଥରପଦା ପଂଚାୟତ ସମିତିସଭ୍ୟା ସରସ୍ୱତୀ ସ୍ୱାଇଁ, ସଦାନନ୍ଦ, ସମିର, ଶିଶିର , ରାଜୁ, ଲୋଟନ, ସୋନୁ, ଚିଂଟୁ, ମନୁ ଓ ପରିବାର ବର୍ଗ, ବନ୍ଧୁବାନ୍ଧବ , ଆତ୍ମୀୟ ସ୍ୱଜନ, ଗ୍ରାମବାସୀ ଉପସ୍ଥିତ ଥିଲେ ।

ଭଙ୍ଗା ଘରେ ବିତୁଛି ଜୀବନ

ଜୟପୁର, ୨୨/୪ (ନି.ପ୍ର): ରାଜ୍ୟରେ ୨୪ ବର୍ଷ ଧରି ଶାସନ କ୍ଷମତା ରହି ଆସିଛି ବିଜେଡି ସରକାର । ମାଳ ମାଳ ସରକାରୀ ଯୋଜନା ସାଙ୍ଗକୁ ବିକାଶ ଧାରାକୁ ତ୍ୱରାନ୍ୱିତ କରୁଥିବା ନେଇ ବାହା ବାହା ମାରୁଛନ୍ତି ରାଜ୍ୟ ସରକାର । କିନ୍ତୁ ଆଜିବି ଗ୍ରାମାଚଂଳରେ ଗରିବ ଲୋକେ ସରକାରୀ ଯୋଜନା ପାଇବାତ ଦୂରର କଥା ମୌଳିକ ସମସ୍ୟାର ସମାଧାନ ପାଇଁ ସଂଘର୍ଷ କରୁଛନ୍ତି । ଯାହାର ବାସ୍ତବ ଚିତ୍ର ସାମ୍ନାକୁ ଅସିଛି । କୋରାପୁଟ ଜିଲ୍ଲା ବୋରିଗୁମ୍ଫା ବ୍ଲକ ସେମେଳା ଗୁଡା ପଂଚାୟତର ନକୁଳଗୁଡା ଗ୍ରାମର ଏହି ୬୦ ବର୍ଷୀୟ ରାମ ପୁଜାରୀଙ୍କ ପରିବାର । ବୟସର ଅପରାହ୍ନରେ ବି ଜୀଇବା ପାଇଁ କରୁଛନ୍ତି ସଂଘର୍ଷ । ସ୍ତ୍ରୀ ସଭା ପୂଜାରୀ(୫୦ ବର୍ଷ) ଏବଂ ତିନି ଝିଅକୁ ନେଇ ରାମ ପୂଜାରୀଙ୍କ ପରିବାର । ରାମଙ୍କ ପାଖରେ ଜାଗା ନାହିଁ କି ଘର ବି ନାହିଁ । ଅନ୍ୟଜଣେ ବ୍ୟକ୍ତିଙ୍କ ଭଙ୍ଗା ଦଦରା ଚାଳ ଛପର ଘର ହିଁ ଏମାନଙ୍କ ସାହାରା ପାଲଟିଛି । ଏହି ଘରର ଗୋଟିଏ ପଟେ କାନ୍ଥ ଭୁଶୁଡି ଯାଇଛି । ପାଲ ଟାଙ୍ଗି ଛନ୍ତି । ଏହି ଭଙ୍ଗା ଚାଳ ଛପର ଘର ଭିତରେ ଦିନରେ ସୂର୍ଯ୍ୟ ଏବଂ ରାତିରେ ତାରା ଦିଶେ । ଏହାରି ଭିତରେ ଜୀବନ ଜୀଉଛନ୍ତି ୫ ପ୍ରାଣୀ କୁଟୁମ୍ବ । ସ୍ୱାମୀ ସ୍ତ୍ରୀ ମୂଳ କଲେ ପରିବାର ଚଳୁଛି । ଅର୍ଥ ଅଭାବରୁ ବଡ ଝିଅ ମାଳତୀ ପୂଜାରୀ(୧୮ବର୍ଷ) ପାଠ ପଢିନି, ମଝିଆ ଝିଅ ଖୀରମଣି ୫ମ ପରେ ସେ ମଧ୍ୟ ପାଠ ଛାଡ଼ିଦେଇଛି । ଘରର ଅଭାବୀକୁ ଦେଖି ବାପା ମାଆଙ୍କ ସହିତ ବଡ ଓ ମଝିଆ ଝିଅ ବି ଏବେ ଦିନ ମଜୁରିଆ ସାଜିଛନ୍ତି । ସାନ ଝିଅ ଅଞ୍ଜଳୀ ପୂଜାରୀ ଏବେ ଗାଁ ସ୍କୁଲରେ ପଂଚମ ଶ୍ରେଣୀ ରେ ପାଠ ପଢୁଛି । ଏହି ବାସହୀନ

ଆନ୍ତର୍ଜାତିକ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ ପାଳିଲେ 'ଆମେ ମୟୂରଭଞ୍ଜିଆ'

ସହର ସାରା ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଧୋଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ

ବାରିପଦା, ୨୨/୪ (ନି.ପ୍ର): ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଏପ୍ରିଲ ୨୧ ତାରିଖକୁ ଆମେ ମୟୂରଭଞ୍ଜିଆ ସଂଗଠନ ସମେତ ବିଭିନ୍ନ ସଂଗଠନ ପକ୍ଷରୁ ବାରିପଦାରେ ଆନ୍ତର୍ଜାତିକ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି । ବରପୁତ୍ରଙ୍କ ପାଇଁ ଦିନ ଟିଏ ଏହି ଅଭିଯାନରେ ସାମିଲ ହେବା ପାଇଁ ଆମେ ମୟୂରଭଞ୍ଜିଆ ପକ୍ଷରୁ ଦିଆ ଯାଇଥିବା ଡାକରାରେ ସମସ୍ତ ସଂସ୍କୃତି ସଚେତନ ମଣିଷ ଏକାଠି ହୋଇଥିଲେ । ପୂର୍ବ ପୁରୁଷଙ୍କ କୃତୀ ଓ କୀର୍ତ୍ତିକୁ ମନେ ପକେଇ ମହାପୁରୁଷ, ସ୍ୱାଧୀନତା ସଂଗ୍ରାମୀ, ସର୍ବୋପରି ଦେଶ ମାତୃକା ପାଇଁ ଶହୀଦ ହୋଇଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିକୁ ପରିଷ୍କାର କରି ଧୋଇ ଫୁଲମାଳ ଦେଇ ଯଥୋଚିତ ସମ୍ମାନ ପ୍ରଦର୍ଶନ କରିବା ପାଇଁ ଏହି ଅଭିଯାନରେ ବାରିପଦା ସହରରେ ସ୍ୱତଃସ୍ଫୂର୍ତ୍ତ ଭାବେ ସମସ୍ତେ ଆଗେଇ ଆସିଥିଲେ । ଆମେ ମୟୂରଭଞ୍ଜିଆର ଆହ୍ୱାନ କ୍ରମେ ବାରିପଦା ସମେତ ସମଗ୍ର ଜିଲ୍ଲାରେ ଏପରିକି ଜିଲ୍ଲା ବାହାରେ ମଧ୍ୟ ଆନ୍ତର୍ଜାତିକ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ ପାଳିତ ହୋଇଛି । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ମୁତାବକ ରବିବାର ସକାଳ ୬ଟାରୁ ସାଢେ ନଅଟା ମଧ୍ୟରେ ବାରିପଦା ସହର ଓ ଉପକଣ୍ଠରେ ଥିବା ୩୦ଟି ପ୍ରତିମୂର୍ତ୍ତି ପରିସରକୁ ପରିଷ୍କାର କରିବା ସହିତ ଧୋଇବା ପରେ ଫୁଲମାଳ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ପ୍ରାରମ୍ଭରେ ସମସ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ସମବେତ ହୋଇଥିଲେ । ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ପବିତ୍ର ପୂଣ୍ୟ ତିଥି ଅବସରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ୨ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ଆମେ ମୟୂରଭଞ୍ଜିଆର ଅଧ୍ୟକ୍ଷ ସଞ୍ଜୟ କୁମାର ଚୌଧୁରୀ ଏହି ଦସ୍ତର ତାତ୍ପର୍ଯ୍ୟ ସଂପର୍କରେ ସମ୍ୟକ ଆଲୋଚନା କରିଥିଲେ । ପରେ ସମବେତ ସମସ୍ତ ସଂସ୍କୃତି ସଚେତନ ବ୍ୟକ୍ତି ତଥା ଛାତ୍ରଛାତ୍ରୀମାନେ ୭ଟି ଦଳରେ ବିଭକ୍ତ ହୋଇ ସହରର ବିଭିନ୍ନ ପ୍ରତିମୂର୍ତ୍ତି ସ୍ଥଳକୁ ଯାଇ ପରିଷ୍କାର ପରିଚ୍ଛନ୍ନ କରି ପ୍ରତିମୂର୍ତ୍ତି ଧୋଇବା ପରେ ଫୁଲମାଳ ଧୂପ ଦୀପ ଦେଇ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ମାହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିସମେତ ପୌରପରିଷଦ ଭିତରେ ଥିବା ଉତ୍କଳମଣି ଗୋପବଂଧୁ, ମଧୁସୂଦନ ଗୋଲେଇରେ ଥିବା କୁଳବୃଦ୍ଧ ମଧୁସୂଦନ, ସଂସ୍କୃତି ଭବନ ସମ୍ମୁଖରେ ଥିବା ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେଓ ଓ ପଦ୍ମଶ୍ରୀ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ଏମସିସି ବ୍ୟାଙ୍କ ସମ୍ମୁଖରେ ଥିବା ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ, ବିଜୁପଟ୍ଟନାୟକ ଗୋଲେଇରେ ଥିବା ପ୍ରବାଦ ପୁରୁଷ ବିଜୁବାବୁ, ସଂସ୍କୃତ ମହାବିଦ୍ୟାଳୟ ନିକଟରେ ଥିବା ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜଦେଓ, ଶହୀଦ ପଡିଆରେ ଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷ,ଗାନ୍ଧୀପାର୍କରେ ମହାତ୍ମାଗାନ୍ଧୀ, କସ୍ତୁରବା ଗାନ୍ଧୀ ଓ ଲାଲବାହାଦୂର ଶାସ୍ତ୍ରୀ, କୃଷ୍ଣଚନ୍ଦ୍ର ଗୋଲେଇରେ ଥିବା ମୟୂରଭଞ୍ଜ ଗାନ୍ଧୀ ଶରତ ଚନ୍ଦ୍ର ଦାସ, ବଡଜଗନ୍ନାଥ ମନ୍ଦିର ସମ୍ମୁଖରେ ଥିବା ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ, ମଧୁବନ ଛକରେ ଥିବା ମୁଣ୍ଡାରୀ ଲିପି ସ୍ରଷ୍ଟା ରୋହିଦାସ ସିଂନାଗ, ଅସ୍ତିଆ ଛକରେ ଥିବା ଶହୀଦ ବିର୍ସା ମୁଣ୍ଡା, ରାଣୀବାଗରେ ଥିବା ମହାରାଜା ଶ୍ରୀରାମଚନ୍ଦ୍ର , ମହାରାଣୀ ଲକ୍ଷ୍ମୀ କୁମାରୀ ଭଞ୍ଜଦେଓ ଓ ମହାରାଣୀ ସୁଚାରୁଦେବୀଙ୍କ ସମାଧିସ୍ଥଳ, ଆଶୀର୍ବାଦ ଛକରେଥିବା କର୍ମବୀର ପ୍ରସନ୍ନ କୁମାର ଦାଶ, ପ୍ରତାପଚନ୍ଦ୍ର ଗୋଲେଇରେ ଥିବା ଅଲଚିକି ଲିପି ସ୍ରଷ୍ଟା ଗୁରୁଗୋମକେ ପଣ୍ଡିତ ରଘୁନାଥ ମୁର୍ମୁ, ପାଲବଣୀ ବାଇପାସ ନିକଟରେ ଥିବା ଓରାଂଚିତି ଲିପିସ୍ରଷ୍ଟା ଲାକ ବାଦ୍ରା, ପୂର୍ଣ୍ଣଚନ୍ଦ୍ରପୁର ଠାରେ ଥିବା ସମ୍ବିଧାନ ପ୍ରଣେତା ଡଃ ବାବାସେହେବ ଆମ୍ବେଦକର, ଭଞ୍ଜପୁର ଠାରେ ଥିବା ଭଞ୍ଜବୀର ସୁନାରାମ ସୋରେନ ଆଦିଙ୍କ ପ୍ରତିମୂର୍ତ୍ତି ସହିତ ବିଭିନ୍ନ ଶିକ୍ଷାନୁଷ୍ଠାନ ପରିସରରେ ଥିବା ପ୍ରତିମୂର୍ତ୍ତି ଗୁଡିକୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ଏଠାରେ ସୂଚନା ଯୋଗ୍ୟ ଯେ, ଗତ ୨୦୧୭ ମସିହାରୁ ଆମେ ମୟୂରଭଞ୍ଜିଆ ସଂଗଠନ ପକ୍ଷରୁ ଏହି ଦିବସକୁ ଆନ୍ତର୍ଜାତିକ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ ପାଳନ କରାଯାଉଥିବା ବେଳେ ଚଳିତ ବର୍ଷ ଏହାକୁ ସବୁଠି ବ୍ୟାପକ ସ୍ତରରେ ପାଳନ କରିବାକୁ ଜିଲ୍ଲା ତଥା ଜିଲ୍ଲା ବାହାରେ ଏବଂ ରାଜ୍ୟ ବାହାରେ ଥିବା ବିଭିନ୍ନ ସଂଗଠନକୁ ଆହ୍ୱାନ ଦିଆ ଯାଇଥିଲା । ସବୁଠି ଏହାର ଏକ ସକରାତ୍ମକ ପ୍ରଭାବ ପଡିଥିଲା ବେଳେ ବାରିପଦା ସହରରେ ଏହି ମହତ କାର୍ଯ୍ୟକୁ ଭବ୍ୟ ସମାରୋହରେ ପାଳନ କରିବା ପାଇଁ ବାରିପଦା ପୌରପରିଷଦ, ରୋଟାରୀ କ୍ଲବ, ଇନରହୁଇଲ୍ କ୍ଲବ,ବାରିପଦା ବାର ଆସୋସିଏସନ, ଉତ୍କଳ ସମ୍ମିଳନୀ, ବାରିପଦା କଳାକାର ପରିବାର, ବାସ୍ତବ ପରିବାର, ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ, ରୋଟାରୀ କ୍ଲବ, ଇନରହୁଇଲ୍ କ୍ଲବ, ସଂସ୍କାର ଶିଶୁ ମହୋତ୍ସବ ମୟୂରୀ, ଶୁଭଶଂଖ ସାହିତ୍ୟ ଅନୁଷ୍ଠାନ,ନବ ସବୁଜିମା, ମଧୁବନ ଉନ୍ନୟନ ପରିଷଦ, ସିନିୟର ସିଟିଜେନ ଫୋରମ, ଛାଞ୍ଚ ଉନ୍ନୟନ କମିଟି, ଆମ ପାଲବଣୀ ଆମ ସ୍ୱାଭିମାନ , ପୂର୍ଣ୍ଣଚନ୍ଦ୍ର ମେମୋରିଆଲ ଟ୍ରଷ୍ଟ, ମୟୂରଭଞ୍ଜ ସିନିୟର ସିଟିଜେନ ଫୋରମ, ଭଞ୍ଜସେନା, ଆମେ ଭଞ୍ଜବୀର, ପୂର୍ଣ୍ଣଚନ୍ଦ୍ରପୁର ଉପ୍ରା ବିଦ୍ୟାଳୟ, ଆମେ ଚାଷୀ, ଜୀବନ ଧାରା, ଚିନ୍ମୟ ମିଶନ , ତ୍ରିରଙ୍ଗା କ୍ଲବ ଆଦି ସଂଗଠନର ସଂସ୍କୃତି ସଚେତନ କର୍ମକର୍ତ୍ତାଙ୍କ ସହିତ ବିଭିନ୍ନ ବିଦ୍ୟାଳୟ ତଥା କଲେଜର ଛାତ୍ରଛାତ୍ରୀ , ବୁଦ୍ଧିଜୀବୀ ଏବଂ ବରିଷ୍ଠ ନାଗରିକମାନେ ଶ୍ରଦ୍ଧାର ସହିତ ଆଗେଇ ଆସିଥିଲେ ।

ବିନା ସୂଚନା ଫଳକରେ ଚାଲିଛି କାର୍ଯ୍ୟ: ନିମ୍ନମାନର କାର୍ଯ୍ୟକୁ ବନ୍ଦ କଲେ ଉତ୍ତ୍ୟକ୍ତ ଗ୍ରାମବାସୀ

ଖଇରା,୨୨/୪(ନିପ୍ର) ଖିପଦା ବ୍ଲକ ଫତେପୁର ପଞ୍ଚାୟତ ଫତେପୁର ଠାରେ ନୂତନ ରାଜସ୍ୱ ନିରିକ୍ଷକ କାଯ୍ୟାଳୟ ନିର୍ମାଣ ହେଉଥିବା ବେଳେ ଗ୍ରାମବାସୀ ମାନେ ଆଜି କାମକୁ ବନ୍ଦ କରିଛନ୍ତି । ସୂଚନାରୁ ପ୍ରକାଶ ରାଜ୍ୟ ସରକାର ଗ୍ରାମୀଣ ଉନ୍ନୟନ ବିଭାଗ ଦ୍ୱାରା ଫତେପୁର ଠାରେ ନୂତନ ରାଜସ୍ୱ ନିରିକ୍ଷକ କାଯ୍ୟାଳୟ ନିର୍ମାଣ ଆରମ୍ଭ ହେଉଛି । ମାତ୍ର ୨ମାସରୁ ଅଧିକ ଦିନ ଧରି କର୍ଯ୍ୟ ଆରମ୍ଭ ହେଉଥିଲେ ମଧ୍ୟ ଏଥିରେ ସୂଚନା ଫଳକ ନାହିଁ । ପ୍ରକଳ୍ପର ମୂଲ୍ୟ ଜନସାଧାରଣଙ୍କର ଦୃଷ୍ଟି ଗୋଚରକୁ ଆସି ନଥିବାରୁ ତିବ୍ର ଅସନ୍ତୋଷ ଦେଖା ଦେଉଛି । ଫଳକ ବାବଦରେ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ସେ ଫଳକର ଆବଶ୍ୟକତା ନାହିଁ ବୋଲି ପ୍ରକାଶ କରିଥିଲେ । ଢଳାଇ ସମୟରେ ମଧ୍ୟ ବିଭାଗୀୟ ଯନ୍ତ୍ରୀଙ୍କର ଉପସ୍ଥିତ ନଥିବାରୁ ନିମ୍ନ ମାନର କାର୍ଯ୍ୟ ହେଉଥିବାର ପରିଲକ୍ଷିତ ହୋଇଛି । ଯାହା ଫଳରେକି ଗ୍ରାମବାସୀ ମାନେ କାର୍ଯ୍ୟକୁ ବନ୍ଦ କରିଥିଲେ । ମିକ୍ସର ସେସିନ ବିନା ଢଳାଇ କାମ ଦେଉଛନ୍ତି ଚଳାଇ । ଦେଖିବାକୁ ବାକି ରହିଲା ପ୍ରଶାସନ ର ନଜର କେବେ ପଡୁଛି ଏହି କାର୍ଯ୍ୟ ଉପରେ । ଏହା ଯେମିତି ଘରେ ନପଶୁଣୁ ମୁଣ୍ଡରେ ଚାଳ ବାଜିବା ସଦୃଶ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

ହାତିଆଡିହା ଶିବମୁନି ଯୋଗାଶ୍ରମରେ ଶୁଭ ଜନ୍ମଦିନ ପାଳନ

ରୂପସା , ୨୨/୪ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମରେ, ଆଶ୍ରମର ବରିଷ୍ଠ ଆତ୍ମଜ୍ଞାନୀ ମୁନିରାଜ୍ଞୀ ବିମଳା ଲେଙ୍କା ଙ୍କ ନାତି,ବଡ଼ସାହି ମୁନି ଗଣେଶ୍ୱର ବିଶ୍ୱାଳ-ମୁନିମତୀ ମାଳତୀ ବିଶ୍ୱାଳଙ୍କ ସୁ ପୁତ୍ର ମୁନି ମଳୟ ବିଶ୍ୱାଳ-ମୁନିମତୀ ରୀତା ବିଶ୍ୱାଳଙ୍କ ସୁ ପୁତ୍ର ଆୟୁଷ୍ମାନ୍ ମୁନିକୁମାର ଅକ୍ଷୟ ବିଶ୍ୱାଳଙ୍କ ୨୦ ତମ ଶୁଭ ଜନ୍ମଦିନ, ଆଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନିଜୀ ଙ୍କ ଅଧକ୍ଷତାରେ ମହା ସମାରୋହରେ ପାଳିତ ହୋଇଯାଇଛି । ପିତା ମାତା ମଞ୍ଚାସୀନ ଥିବା ସମୟରେ,ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ, କରାଯାଇ, ଆୟୁଷ୍ମାନ୍ ମୁନିକୁମାର ଅକ୍ଷୟ କୁମାର ଙ୍କୁ ଦୀର୍ଘ ନୀରୋଗ ନିରାମୟ ଆନନ୍ଦମୟ ଜୀବନର ଏବଂ ଉଜ୍ଜ୍ୱଳ ଭବିଷ୍ୟତ ର ସମୂହ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା । ମଞ୍ଚାସୀନ ଆଶ୍ରମର ଯୋଗଶିକ୍ଷୟତ୍ରୀ ଆତ୍ମଜ୍ଞାନୀ କଳ୍ପନା ମିସ୍ତ୍ରୀ ମହୋଦୟା ଆଶିର୍ବାଦ ପ୍ରଦାନ କରିଥିଲେ । ଆଶ୍ରମର କଣ୍ଠଶିଳ୍ପୀ ଯୋଗଶିକ୍ଷୟତ୍ରୀ ମଞ୍ଜୁଲତା ବେହେରା ଜନ୍ମଦିନ ସଙ୍ଗୀତ ଗାନ କରିଥିଲେ ।ଆଶ୍ରମର କୋଷାଧ୍ୟକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି,ଅକ୍ଷୟର ଉଜ୍ଜ୍ୱଳ ଭବିଷ୍ୟତ ର ଶୁଭ ଆଶିର୍ବାଦ ପ୍ରଦାନ କରିଥିଲେ ।ଏହା ସହିତ ଆଶ୍ରମର ମଞ୍ଜୁଲତା ବେହେରା ଙ୍କ ଓଅମ୍ ପ୍ରକାଶଙ୍କୁ ମଧ୍ୟ ଆଜିର ତାଙ୍କ ଶୁଭ ଜନ୍ମଦିନ ରେ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା ।ଉପସ୍ଥିତ ଥିଲେ, ଆଶ୍ରମର ଉପାଧକ୍ଷା ଆତ୍ମଜ୍ଞାନୀ ମୁନିରାଜ୍ଞୀ କନକଲତା ମହାପାତ୍ର ମହୋଦୟା, ମୁନିରାଜ୍ଞୀ ସୁମତୀ ଦଳାଇ, ମୁନିମତୀ ବାସନ୍ତୀ ମହାଳିକ, ମୁନି ଗଣେଶ୍ୱର ବର, ମୁନିରାଜ ଖଗେଶ୍ୱର ମହାଳିକ, ମୁନିମତୀ ଜାହ୍ନବୀ ଗିରି, ମୁନିମତୀ ପୂର୍ଣ୍ଣିମା ବର,ମୁନିକୁମାରୀ ନୀହାରିକା ବର, ମୁନିକୁମାରୀ ପ୍ରଭାସିନୀ ବର,ଜୟନ୍ତୀ ଗିରି, ମୁନିମତୀ ଉର୍ମିଳା ରାଉଳ, ମୁନିମତୀ ଯମୁନା ବର, ମୁନିମତୀ ସୁମତୀ ବେହେରା ପ୍ରମୁଖ । ଶେଷରେ, ଆଇ ବିମଳା ଲେଙ୍କା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି, ମଞ୍ଜୁଲତା ବେହେରାଙ୍କ ସହିତ ମିଶି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

ବିଦ୍ୟାଳୟ ଶିକ୍ଷାରେ ନବୀନତା ନିମନ୍ତେ ଜାତୀୟସ୍ତରୀୟ ଆଲୋଚନା ଚକ୍ର

ବାରିପଦା , ୨୨/୪ (ନି.ପ୍ର): ସ୍ଥାନୀୟ ମୁର୍ଗାବାଡି ସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ମୟୁରଭଞ୍ଜ, ପରିସରରେ ଜିଲ୍ଲା ପ୍ରଶିକ୍ଷଣ ପ୍ରତିଷ୍ଠାନ ଓ ସରକାରୀ ପ୍ରାରମ୍ଭିକ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ବିଦ୍ୟାଳୟ ଶିକ୍ଷାରେ ନବୀନତା ନିମନ୍ତେ ଶିକ୍ଷକ ସଶକ୍ତିକରଣ ଶୀର୍ଷକ ଉପରେ ଦୁଇ ଦିନିଆ ଜାତୀୟ ସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି ଓ ପ୍ରଥମ ଦିନ ପ୍ରତିଷ୍ଠାନର ଅଧକ୍ଷ ଅନାଦି ଚରଣ ବିନ୍ଧାଣୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଏବଂ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱରର ପୂର୍ବତନ ଅଧକ୍ଷ ସୁବାସ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶଶିଧର ସିଂ ଓ ସରକାରୀ ବି. ଇଡି. କଲେଜର ଅଧକ୍ଷ ମନୋଜ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ପ୍ରାରମ୍ଭିକ ଶିକ୍ଷାକୁ ଶିଶୁ କୈନ୍ଦ୍ରିକ ଓ ଅନ୍ତର୍ନିବେଶୀ ଶ୍ରେଣୀ ଉପଯୋଗୀ କରିବା ଉପରେ ଅନୁଭୂତି ଓ ଉଦାହରଣ ମାଧ୍ୟମରେ ଶିକ୍ଷଣ ପ୍ରକ୍ରିୟାକୁ ସୁଦୃଢ କରିବା ଉପରେ ଆଲୋକପାତ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷକ ପ୍ରଶିକ୍ଷକ ଡଃ ପ୍ରିୟରଞ୍ଜନ ଦାସ, ସାଗର କୁମାର ଦଳନାଏକ, ଆଶିଷ କୁମାର ଦାସ ମହାପାତ୍ର, ପ୍ରଶିକ୍ଷିକା ପାବନୀ ବଳ, ଜୟନ୍ତୀ ପ୍ରଧାନ, ନିରୁପମା ରାଉତ, ଦେବସ୍ମିତା ଚକ୍ର ତଥା ସହ ନିର୍ଦ୍ଦେଶକ ଡଃ ପୂର୍ଣ୍ଣଚନ୍ଦ୍ର ବ୍ରହ୍ମ। ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ସୂଚନା ପ୍ରଯୁକ୍ତି ବିଦ୍ୟାର ଅଭିନ୍ନ ବ୍ୟବହାର ମାଧ୍ୟମରେ ଶିକ୍ଷଣ ପ୍ରକ୍ରିୟା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ ଓ ଦ୍ୱିତୀୟ ଦିନରେ ପ୍ରଫେସର ଅମରେନ୍ଦ୍ର ବେହେରା, ଅମୁଲ୍ୟ କୁମାର ଆଚାର୍ଯ୍ୟ, ଅନିରୁଦ୍ଧ ରାଉତ, ଡଃ ଚକ୍ରଧର ନାଏକ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ନିଜ ନିଜର ଅଭିଜ୍ଞତା ଓ ମତାମତ ପ୍ରଦାନ କରିଥିଲେ ଓ ଶିକ୍ଷକ ପ୍ରଶିକ୍ଷକ ଯୋଗେଶ୍ୱର ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ ଓ ଏହି ଆଲୋଚନା ଚକ୍ରରେ ଓଡିଶାର ବିଭିନ୍ନ ଜିଲ୍ଲା ତଥା ଦେଶର ବିଭିନ୍ନ ରାଜ୍ୟର ସହ ପ୍ରଧାପକ, ଶିକ୍ଷକ ପ୍ରଶିକ୍ଷକ, ରିସର୍ଚ୍ଚ ସ୍କୋଲାର ମାନେ ଆଭାସୀ ମାଧ୍ୟମରେ ନିଜ ନିଜର ଗବେଷଣାତ୍ମକ ନିବନ୍ଧ ଉପରେ ଆଲୋଚନା କରିଥିଲେ ଓ ଶିକ୍ଷକ ପ୍ରଶିକ୍ଷିକା ରୁପାଲୀ ରଚନା ପାତ୍ର ଓ ହରପ୍ରିୟା ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ ।

ବିଜେପିକୁ ଫେରିଲେ ପୂର୍ବତନ ମନ୍ତ୍ରୀ ବିମ୍ବାଧର କଅଁର

ଭୁବନେଶ୍ୱର, ୨୨/୪ (ନି.ପ୍ର): ବିଜେପିକୁ ଫେରିଛନ୍ତି ପୂର୍ବତନ ମନ୍ତ୍ରୀ ବିମ୍ବାଧର କଅଁର। ବିମ୍ବାଧର କଅଁର ସୋମବାର ବିଜେପି ରାଜ୍ୟ କାର୍ଯ୍ୟାଳୟ ଠାରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ବିଧିବଦ୍ଧ ଭାବେ ବିଜେପିରେ ଯୋଗ ଦେଇଛନ୍ତି । ବିମ୍ବାଧର ବିଜେପିର ପୂର୍ବତନ ରାଜ୍ୟ ସଭାପତି ଥିଲେ । ୨୦୧୪ରେ ସେ ବିଜେପି ଛାଡି ବିଜେଡିରେ ମିଶିଥିଲେ । ଆଜି ତାଙ୍କର ଘର ବାହୁଡ଼ା ହୋଇଛି । ବିମ୍ବାଧରଙ୍କ ସହ ନାରୀ ନେତ୍ରୀ ନିବେଦିତା ଓ ଯୁବ ନେତା ସରୋଜ ଭୂୟାଁ ମଧ୍ୟ ବିଜେପିରେ ସାମିଲ ହୋଇଛନ୍ତି । ସେହିପରି ବିଜୁ ମହିଳା ଜନତା ଦଳର ବରିଷ୍ଠ ରାଜ୍ୟ ଉପସଭାନେତ୍ରୀ ଶ୍ରୀମତୀ ନିବେଦିତା ନାୟକ ମଧ୍ୟ ବିଜେପିରେ ଯୋଗ ଦେଇଛନ୍ତି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ବିଜେଡିର ୭ମ ପର୍ଯ୍ୟାୟ ...

ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛନ୍ତି । ଢେଙ୍କାନାଳ ସାଂସଦ ମହେଶ ସାହୁ ଏଥର ହିନ୍ଦୋଳ ଆସନରୁ ଲଢିବେ । ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ଧର୍ମପତ୍ନୀ ରଞ୍ଜିତା ମାର୍ଣ୍ଡିଙ୍କୁ ମିଳିଛି ବାଙ୍ଗିରିପୋଷି ଟିକେଟ । ସେହିପରି ରଘୁନାଥପାଲ୍ଲୀରେ ବିଧାୟକ ସୁବ୍ରତ ତରାଇଙ୍କ ପତ୍ନି ଅର୍ଚ୍ଚନା ରେଖା ବେହେରାଙ୍କ ଉପରେ ଭରସା କରିଛି ଦଳ । ବାଲିକୁଦା-ଏରସମାରେ ରଘୁନନ୍ଦନଙ୍କ ଟିକେଟ କଟିଥିବାବେଳେ ସାରଦା ପ୍ରସନ୍ନ ଜେନା ପାଇଛନ୍ତି ଟିକେଟ । ଚର୍ଚ୍ଚା ହେଉଛି ସରକାର ବିରୋଧୀ ହାୱା ପାଇଁ ତିନି ବିଧାୟକଙ୍କ ଟିକେଟ କାଟିଛି ଦଳ । କାକଟପୁରରେ କିନ୍ତୁ ପ୍ରବଳ ବିରୋଧ ଭିତରେ ପୁଣିଥରେ ଟିକେଟ ହାତେଇ ନେଇଛନ୍ତି ମନ୍ତ୍ରୀ ତୁଷାରକାନ୍ତି ବେହେରା । ବିବାଦୀୟ ବରୀ ସିଟ୍‌ରେ ଯୁବ ଚେହେରା ବିଶ୍ୱ ମଲ୍ଲିକଙ୍କୁ ବିଜେଡି କରିଛି ପ୍ରାର୍ଥୀ । ସପ୍ତମ ପର୍ଯ୍ୟାୟ ଟିକଟ୍ ଘୋଷଣା ସହ ବିଜେଡି ମୋଟ୍ ୧୪୭ ଆସନରୁ ୧୪୧ଟିରେ ପ୍ରାର୍ଥୀ ଘୋଷଣା କରିସାରିଛି । ଆହୁରି ୬ ସିଟ୍ ରେ ଘୋଷଣା ବାକି ଅଛି । ଖୋର୍ଦ୍ଧା, ବେଗୁନିଆ, ଖଣ୍ଡପଡ଼ା, ଭୋଗରାଇ, ନୀଳଗିରି ଓ କୋରେଇ ଆସନ ପାଇଁ ଏଯାଏ ଅଙ୍କ ଛିଡିପାରୁନି । ଏହି ଶେଷ ଛଅଟି ନିର୍ବାଚନ ମଣ୍ଡଳୀରେ ବିବାଦ ଯେତିକି, ବିଦ୍ରୋହ ବି ସେତିକି । ଆମଦାନୀ ନେତାଙ୍କ ସହ ଏକାଧିକ ଆଶାୟୀଙ୍କୁ ଥଇଥାନ କରି ବିଦ୍ରୋହକୁ ପ୍ରଶମିତ କରିବା ଦଳ ପାଇଁ ବଡ ଚାଲେଞ୍ଜ । ଖୋର୍ଦ୍ଧା, ବେଗୁନିଆ, ଭୋଗରାଇ ଓ ନୀଳଗିରିରେ ବିଜେପି ମଧ୍ୟ ଏଯାଏ ପ୍ରାର

ମଙ୍ଗଳବାର, ଏପ୍ରିଲ ୨୩, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ରାସ୍ତା କାମ ନେଇ ଗ୍ରାମବାସୀ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କଲେ

ବାଲିଆପାଳ , ୨୨/୪ (ନି.ପ୍ର): ବାଲିଆପାଳ ବ୍ଲକ ଖଗଡାପାଳ ଗ୍ରାମ ବ୍ଲକ ଛକ ଟି ଭି ଏସ ସୋ ରୁମ୍ ଠାରୁ ଖଗେନ୍ଦ୍ର ଜେନା ଘର ଓ ତପନ ମହାନ୍ତି ଘର ଠାରୁ ସୂର୍ଯ୍ୟ କମିଳା ଘର ପର୍ଯ୍ୟନ୍ତ ରାସ୍ତା କାମ ଇତି ମଧ୍ୟରେ ଶେଷ ହୋଇ ଯାଇଛି। ପାଞ୍ଚ ଛ ' ଜଣ ଗ୍ରାମବାସୀଙ୍କ ତଦାରଖ ଯୋଗୁଁ କାମ ଉନ୍ନତ ମାନର ହୋଇ ଥିଲା। ମୁଖ୍ୟ ମନ୍ତ୍ରୀଙ୍କ ସ୍ୱତନ୍ତ୍ର ଅନୁଦାନ ଓ ସରକାର ଙ୍କ କ୍ରିଟିକଲ୍ ଚୋପ ଫଣ୍ଡ ଅର୍ଥ ରେ ଏଥି ପାଇଁ ଅର୍ଥ ବ୍ୟୟ ବରାଦ ହୋଇଥିଲା। ବାଲିଆପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ କନିଷ୍ଠ ଯନ୍ତ୍ରୀ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱା ବଧାନରେ କାମ ସୂଚାରୁ ରୁପେ ସମ୍ପାଦିତ ହୋଇ ଥିଲା। ମେଟାଲ, ଚିପ୍ସ , ସିମେଣ୍ଟ, ବାଲି ଆଦି ଉନ୍ନତ ମାନର କଞ୍ଚାମାଲ ଏଥିପାଇଁ ବ୍ୟବହୃତ ହୋଇଥିଲା।ମାତ୍ର ଗ୍ରାମର କେତେକ ଖଳ ପ୍ରକୃତିର ଲୋକ ରାସ୍ତା କାମ ନିମ୍ନ ମାନର କହି ଏବେ ବିଡିଓ ଙ୍କୁ ଲେଖି ଜଣାଇଛନ୍ତି। ସେମାନେ ଏନେଇ ଚାନ୍ଦା ମାଗି ବିଫଳ ହେବାରୁ ଏପରି ପନ୍ଥା ଅବଲମ୍ବନ କରିଥିବା ଗ୍ରାମର ଯୁଗଳ କୁମାର ମାହାନ୍ତି, ପ୍ରଦୀପ କୁମାର ମହାନ୍ତି, ରଞ୍ଜନ କୁମାର ରାଜ , ମନୋଜ କୁମାର ସାମଲ, ନିମାଇଁ ଚରଣ ସାହୁ , ଶମ୍ଭୁନାଥ ରାଉତ, ବିନୟ କୁମାର ବେହେରା ପ୍ରମୁଖ ଲିଖିତ ଆକାରରେ ଜଣାଇଛନ୍ତି। କାର୍ଯ୍ୟାଦେଶ ନେଇଥିବା ହିତାଧିକାରୀଙ୍କୁ ବିଲ୍ ବାବଦ ଅର୍ଥ ମଞ୍ଜୁର କରିବାକୁ ସେମାନେ ମଧ୍ୟ ଲେଖିଛନ୍ତି। ଗ୍ରାମର ଯେ କୌଣସି କାମକୁ ବିରୋଧ କରିବା ଏହି ମୁଷ୍ଟିମେୟଙ୍କ କାମ ବୋଲି ଗ୍ରାମବାସୀ ମଧ୍ୟ କହିଛନ୍ତି।

ଭଦ୍ରକ ଜିଲ୍ଲା ପ୍ରଶାସନଠାରୁ ଗ୍ରହଣ କଲେ ପୋଷ୍ୟସନ୍ତାନ

ଭଦ୍ରକ, ୨୨/୪ (ନି.ପ୍ର): ପୋଷ୍ୟସନ୍ତାନ ଗ୍ରହଣ ପଦ୍ଧତିରେ ସୁଦୂର ବାଙ୍ଗାଲୋରରେ ବାସ କରୁଥିବା ଏକ ଓଡ଼ିଆ ଦମ୍ପତି ୦୬ ମାସର ଏକ ଶିଶୁ କନ୍ୟା (ଆଦ୍ୟା)କୁ ଆପଣେଇଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ହସ୍ତରୁ ଶିଶୁ କନ୍ୟାକୁ ଉକ୍ତ ଦମ୍ପତି ଗ୍ରହଣ କରିଥିଲେ। ପ୍ରକାଶଥାଉକି, ଜିଲ୍ଲାଶିଶୁ ସୁରକ୍ଷା ୟୁନିଟ୍ ଭଦ୍ରକଙ୍କ ଅଣ ଆନୁଷ୍ଠାନିକ ସେବା (ପୋଷ୍ୟ ସନ୍ତାନ ଗ୍ରହଣ) ପ୍ରକ୍ରିୟା ମାଧ୍ୟମରେ ଶିଶୁମଂଗଳ କମିଟି ଙ୍କ ଦ୍ୱାରା ଆଇନ୍ ସିଦ୍ଧ ଦାବୀଦାର ମୁକ୍ତ ଘୋଷଣା ପରେ ଶିଶୁକୁ ବାତ୍ସଲ୍ୟ ଶିଶୁ ଯତ୍ନ ଅନୁଷ୍ଠାନରେ ଥଇଥାନ କରାଯାଇଥିଲା। ପୋଷ୍ୟସନ୍ତାନ ଗ୍ରହଣ ନିମନ୍ତେ ଉତ୍କଳ ବାଳାଶ୍ରମ (ଯାଜପୁରର ସ୍ୱତନ୍ତ୍ରକୃତ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର) ମାଧ୍ୟମରେ ଅନ୍‌ଲାଇନରେ ପଞ୍ଜିକୃତ କରାଯାଇଥିଲା। ସେହିପରି ବାଙ୍ଗାଲୋର ରେ ବାସ କରୁଥିବା ଓଡ଼ିଆ ଦମ୍ପତି ସଂଘମିତ୍ରା ରାଉତ (୩୩) ଓ ମାନସ ରାଉତ (୩୯) ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ଅନ୍‌ଲାଇନରେ ଆବେଦନ କରିଥିଲେ। 'କାରା' ମାଧ୍ୟମରେ ଉଭୟ ଦମ୍ପତି ପୋଷ୍ୟସନ୍ତାନ ଗ୍ରହଣ ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥିଲେ। ଶିଶୁମଂଗଳ କମିଟିର ଅଧ୍ୟକ୍ଷ ଡ. ଦେବରାଜ ପାଣିଗ୍ରାହୀ, ସଦସ୍ୟ ଅମର ବାରିକ, ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଅଣଆନୁଷ୍ଠାନିକ ଅଧିକାରିଣୀ ସ୍ୱାଗତିକା ବାରିକ, ବାତ୍ସଲ୍ୟର ସଂପାଦିକା ନମିତା ବଳ, ଦିଗନ୍ତ ବେହେରା, ପଲକଜ୍ୟୋତି ପଢ଼ିଆରି, ଆଇନ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା ସଭା ଓ କବିତା ପାଠ ଉତ୍ସବ

ବାସୁଦେବପୁର, ୨୨/୪ (ନି.ପ୍ର): ବାସୁଦେବପୁର ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ୧୩ ତମ ବାର୍ଷିକ ଉତ୍ସବ, ସମ୍ବର୍ଦ୍ଧନା ସଭା ଓ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ସମସ୍ତ ଅତିଥି ପ୍ରଦୀପ ପ୍ରଜ୍ୱଳନ କରି ମହାପ୍ରଭୁ ଜଗନ୍ନାଥଙ୍କ ଫଟୋଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଓ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଭଦ୍ରକ ତ୍ୟାଗଭୂମିର ସଭାପତି ଅଜୟ ନାୟକ ଏହି ସାହିତ୍ୟ ଉତ୍ସବରେ ସଭାପତିତ୍ୱ କରିଥିଲେ । ବିଶିଷ୍ଟ କବି ଓ ଓଡ଼ିଆ ଚଳଚିତ୍ର ଜଗତର କାହାଣୀ ଏବଂ ସଂଳାପ ଲେଖକ ଡକ୍ଟର ରଜନୀ ରଞ୍ଜନ ଦାଶ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରଙ୍ଗରାଗ ର ବାର୍ଷିକ ଉତ୍ସବ କୁ ପ୍ରଶଂସା କରିବା ସହିତ ସାହିତ୍ୟ ଓ କଳା ସଂସ୍କୃତି ର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ । ବିଶିଷ୍ଟ କବି ଓ ଗାଳ୍ପିକ ଅଜୟ ସ୍ୱାଇଁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କବିତା, ଗଳ୍ପ, ନାଟକ, ସଙ୍ଗୀତ ସମ୍ପର୍କରେ ଆଲୋକପାତ କରିଥିଲେ । ଟାଇମ୍ ପାସ୍ ପ୍ରକାଶନ ସଂସ୍ଥାର ନିର୍ଦ୍ଦେଶକ କବି ସରୋଜ ବଳ, କବି ଲାବଣ୍ୟ ନାୟକ, କବି ବିପ୍ଳବ ରଞ୍ଜନ ପତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ଆଧୁନିକ କବିତାର କାରୁକାର୍ଯ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ । କବି ମାନସ ରଞ୍ଜନ ପଣ୍ଡା ଓ କବି ପଦ୍ମଜା ଶରଣ କବିତା ସଂଯୋଜନା କରିଥିଲେ । କବି ଲୋପାମୁଦ୍ରା ନାୟକ, କବି ଚିତ୍ତ ରଞ୍ଜନ ନାୟକ,କବି ବିଶ୍ୱଜିତ୍ ରାଉତ, କବି ପ୍ରିୟଙ୍କା ପ୍ରିୟ ଦର୍ଶିନି ଦାସ, କବି ବିଚିତ୍ରାନନ୍ଦ ଜେନା, କବି ଶୀତଳ ମିଶ୍ର, କବି ମିଳନ ମିଶ୍ର, କମଳ ଲୋଚନ ବେହେରା, କବି ବସନ୍ତ ବାରିକ, କବି ରତ୍ନାକର ପଣ୍ଡା, ବିଭୂତି ଭୂଷଣ ପଣ୍ଡା , କବି ସଦାନନ୍ଦ ପାଣିଗ୍ରାହୀ, କବି ଜ୍ୟୋତିର୍ମୟ ନାୟକ, ଡକ୍ଟର ପ୍ରଭାତ ନଳିନୀ ମହାପାତ୍ର , କବି ଅଭିମନ୍ୟୁ ସାହୁ ପ୍ରମୁଖ କବିତା ପାଠ କରିଥିଲେ । ଏହି ଅବସରରେ ରଙ୍ଗ ରାଗ ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ସାହିତ୍ୟିକା ଡକ୍ଟର ଝରଣା ପଟ୍ଟନାୟକ, ଗାଳ୍ପିକ ଚନ୍ଦ୍ର ମୋହନ ମହାପାତ୍ର, କବି ଚିତ୍ତ ରଞ୍ଜନ ନାୟକ, କବି ପଦ୍ମଜା ଶରଣ, ପକ୍ଷୀଘର ପତ୍ରିକାର ସମ୍ପାଦନା ବନୋଜ୍ ତ୍ରିପାଠୀ, ବାସୁଦେବପୁର ଥାନା ଅଧିକାରୀ କବି ଲୋପାମୁଦ୍ରା ନାୟକ, ପରାଗ ପତ୍ରିକାର ସମ୍ପାଦକ ବନମାଳି ସେନାପତି, କବି ଶରତ ଚନ୍ଦ୍ର ମହାପାତ୍ର, ଶିଶୁ ସାହିତ୍ୟିକ ଶରତ କୁମାର ନାୟକ, କବି ବିଭୂତି ଭୂଷଣ ଗ୍ରାହାର୍ଯ୍ୟ, କବି କାଳୀପଦ ପଣ୍ଡା, ଅନୁବାଦିକା ଡକ୍ଟର ବନ୍ଦିତା ମୁଦିଆର ଠାକୁରିଆ ଓ ଯୁବ କବି ପତିତପାବନ ପାଣିଙ୍କୁ ମାନପତ୍ର ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ବାଇ ଚଢେଇ ସମ୍ପାଦକ କବି ବିକାଶ ଶତପଥୀ ସମସ୍ତ ଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଉତ୍ସବରେ ଶହୀଦ ତୀର୍ଥଯାତ୍ରୀ ସଂଘ ପ୍ରତିଷ୍ଠାତା ବଇଲୋଚନ ଜେନା, କବି ଦେବେନ୍ଦ୍ର ପ୍ରସାଦ ମହାନ୍ତି, ସାହିତ୍ୟ ସଂଗଠକ ଅରୁଣ ଖିଲାର, କବି ପ୍ରହଲ୍ଲାଦ ବାରିକ, କବି ଡକ୍ଟର ପ୍ରଭାତ ନଳିନୀ ମହାପାତ୍ର, ଅଧ୍ୟାପକ ବସନ୍ତ ଦାଶ ପ୍ରମୁଖ ଯୋଗ ଦେଇଥିଲେ ।

ଟଙ୍ଗାଶୂଳ ନିକଟରେ ଓଲଟିଲା ଟ୍ରକ: ଚାଳକ ସମେତ ହେଲପର ଫେରାର

ନୀଳଗିରି, ୨୨/୪ (ନି.ପ୍ର): ନୀଳଗିରି ଥାନା ଅଧୀନ ଗୋପାଳପୁର ନିକଟ ଟଙ୍ଗାଶୂଳ ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟି ପଡିଲା ଧାନ ଆଣିବାକୁ ଯାଉଥିବା ୧୨ ଚକିଆ ଟ୍ରକ ।ସୂଚନା ମୁତାବକ ଧାନ ଆଣିବା ପାଇଁ ଟ୍ରକ ନଂ (ଓଡି-୦୧ଏ ଡି୮୬୧୧) ରାଜବରହମପୁର ଅଭିମୁଖେ ଯାଉଥିବା ସମୟରେ ମିତ୍ରପୁର ବରହମପୁର ରାସ୍ତାର ଟଙ୍ଗାଶୂଳ ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ବାରିକେଟ ଭାଙ୍ଗି ତଳକୁ ଓଲଟି ପଡିଥିଲା। ଭାଗ୍ୟବଶତଃ ଦୁଇ ଚାଳକ ଓ ହେଲପର ଅଳ୍ପକେ ବର୍ତ୍ତି ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ନୀଳଗିରି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡିଟିକୁ ଉଦ୍ଧାର କରିଥିବା ଜଣାପଡିଛି।

ବିଦ୍ୟୁତ ଆଘାତରେ ଯୁବକର ମୃତ୍ୟୁ

ଲଙ୍ଗଳେଶ୍ୱର , ୨୨/୪ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ଆଲୁମେଦା ପଞ୍ଚାୟତର କୁଆରିପାହି ଗ୍ରାମର ଝାଡେଶ୍ୱର ପାତ୍ର ଙ୍କ ପୁଅ ଲିଲିପ୍ କୁମାର ପାତ୍ର (୨୮)ଙ୍କର ରବିବାର ରାତିରେ ବିଦ୍ୟୁତ ଆଘାତରେ ମୃତ୍ୟୁ ହୋଇଛି। ଘଟଣା ରୁ ପ୍ରକାଶ ଲିଲିପ୍ ରବିବାର ରାତିରେ ନିଜ ଚିଙ୍ଗୁଡ଼ି ଘୋରି କୁ ମଟର ଚଳାଇବା କୁ ଯାଇଥିଲେ ସେହିଠାରେ ଲିଲିପ୍ ବିଦ୍ୟୁତ ସଂସ୍ପର୍ଶରେ ଆସିଥିଲେ ଫଳରେ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି।ଲିଲିପ୍ ଘରକୁ ଫେରି ବାର ବିଳମ୍ବ ହେବାରୁ ପରିବାରର ସଦସ୍ୟମାନେ ଖୋଜାଖୋଜି ପରେ ପାଣି ରୁ ଉଦ୍ଧାର କରିଥିଲେ। ଚିକିତ୍ସା ପାଇଁ ବାଲେଶ୍ୱର ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଗଲା ଶେଷରେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ଏନେଇ ଡାକ୍ତରଖାନାରେ ଥିବା ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସତ୍ୟନାରାୟଣ ମହାପ୍ରଭୁଙ୍କ ୭୯ତମ ମହାଯଜ୍ଞ ପାଳିତ

ନୀଳଗିରି , ୨୨/୪ (ନି.ପ୍ର): ନୀଳଗିରି ଏନ୍‌ଏ ସି ସିମୁଳିଆ ଗ୍ରାମରେ ସତ୍ୟନାରାୟଣ ମହା ପ୍ରଭୁଙ୍କ ୭୯ତମ ମହାଯଜ୍ଞ ୭ଦିନ ଧରି ଅନୁଷ୍ଠିତ ହୋଇଛି। ୧୯୪୫ମସିହା ଠାରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଚଳିତ ବର୍ଷ ମହାସମାରୋହରେ ପାଳିତ ହୋଇଅଛି। ୧୯୪୫ମସିହାରେ ଅନାବୃଷ୍ଟି ଦେଖା ଯାଇଥିବା ବେଳେ ବର୍ଷା ପାଇଁ ଏହି ମହାଯଜ୍ଞ ଆରମ୍ଭ ହୋଇଥିବାର ପୁର୍ବଜ ମାନେ କହିଥିଲେ ମହାଯଜ୍ଞ ଆରମ୍ଭ ପରେ ପରେ ପ୍ରବଳ ବର୍ଷା ହୋଇଥିଲା। ସେବେଠାରୁ ଏପର୍ଯ୍ୟନ୍ତ ସାତ ଦିନ ଧରି ମହାଯଜ୍ଞ ପୂଜା ହୋଇଆସୁଛି। ସ୍ୱର୍ଗତ ପାଣ୍ଡବ ଦଳାଇ, ପୂର୍ଣ୍ଣ ଚନ୍ଦ୍ର ଷଡଙ୍ଗୀ ବାବାଜୀ ମହଲ ଅକ୍ଷୟ ମହାନ୍ତି, ବାଞ୍ଛାନିଧି ରାଉତ, ବ୍ରଜବନ୍ଧୁ ମହଲ ପ୍ରାଣବନ୍ଧୁ ମହଲ ବାଇଧର ବେହେରା, ମଦନ ବେହେରା, ଗୋପୀନାଥ ଗୋଛାୟତ, ରାମନାଥ ବେହେରା, ରଘୁନାଥ ଦଳାଇ, କନେହୀ ଲେଙ୍କା ନାରାୟଣ ପ୍ରଧାନ ପ୍ରମୁଖ ଏହି ମହାଯଜ୍ଞ ପୂଜା ଆରମ୍ଭ କରିଥିଲେ। ସେବେଠାରୁ ଏପର୍ଯ୍ୟନ୍ତ ଗ୍ରାମବାସୀଙ୍କ ସହଯୋଗରେ ପ୍ରତିବର୍ଷ ଚୈତ୍ର ମାସ ନବମୀ ଠାରୁ ଆରମ୍ଭ ହୋଇ ସାତ ଦିନ ଧରି ମହାଯଜ୍ଞ ପୂଜା ହୋଇଆସୁଛି। ଏବେ ସୁଦର୍ଶନ ଦଳାଇ, ଶିବ ନାରାୟଣ ଷଡ଼ଙ୍ଗୀ, ରବୀନ୍ଦ୍ର ମହଲ ରାମଚନ୍ଦ୍ର ମହଲ ପ୍ରଫୁଲ୍ଲ ଦଳାଇ ହେମନ୍ତ ବେହେରା, ମିଟୁ ବେହେରା, ଆଲୋକ ବେହେରା ରାଜେନ୍ଦ୍ର ମହଲ, ମୁନା ମହଲ ଗୌର ମହଲ କରୁଣାକର ବେହେରା , କମଳା କାନ୍ତ ବେହେରା, ଦୀପକ ଗୋଛାୟତ, ଭାସ୍କର ଦଳାଇ, ଦେବେନ୍ଦ୍ର ମହଲ ବିଷ୍ଣୁ ମହଲ, ବ୍ରହ୍ମାନନ୍ଦ ମହଲ ପ୍ରମୁଖ ସହଯୋଗରେ ଏବେ ମହାସମାରୋହରେ ଅନୁଷ୍ଠିତ ହେଉଅଛି। ଗ୍ରାମରେ ସାତ ଦିନ ଧରି ଆମିଷ ନିଷେଧ ହୋଇଥାଏ। ସନ୍ଧ୍ୟାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ।

ଭଉଆ, ଚାଉଳ, ବାସଗୃହ, ବିଜୁ ସ୍ୱାସ୍ଥ୍ୟକାର୍ଡ଼ ସବୁକିଛିରୁ ବଂଚିତ ଭିନ୍ନକ୍ଷମ 'କିସୁନ'

ଉଦଳା, ୨୨/୪ (ନି.ପ୍ର): ଯେ ହେଉଛି ଉଦଳା ବ୍ଲକର ବଡ଼ଖମଣ ପଂଚାୟତ ଅନ୍ତର୍ଗତ ବାରଡ଼ାଙ୍ଗୁଆ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା କାନ୍ଦନ ମୁର୍ମୁଙ୍କ ପୁତ୍ର 'କିସୁନ' ଙ୍କୁ ବର୍ତମାନ ବୟସ ୨୨ ବର୍ଷ ଛୁଇଁଲା । ପିଲାଟି ଦିନରୁ ସେ ପୋଲିଓରେ ଆକ୍ରାନ୍ତ ହୋଇ ଠିକ୍ ଭାବରେ ଚାଲବୁଲ କରିପାରୁ ନାହାଁନ୍ତି । ଯାତାୟତ ପାଇଁ ସେ ଏକ ବ୍ୟାଟେରି ଚାଳିତ ରିକ୍ସା ଖୋଜୁଛନ୍ତି । ଏଥିପାଇଁ ସେ ବାରମ୍ବାର ବିଭିନ୍ନ ବିଭାଗର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ତାଙ୍କର ଗୁହାରି କେହି କର୍ଣ୍ଣପାତ କରୁନଥିବାର କଥା ଜଣାଇଛନ୍ତି । ଡ଼ାକ୍ତର ତାଙ୍କୁ ୬୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିଛନ୍ତି । କିନ୍ତୁ ଏ ପର୍ଯ୍ୟନ୍ତ ସେ ସାମାଜିକ ସୁରକ୍ଷା ଯୋଜନାରେ ଭତା, ଖାଦ୍ୟ ଯୋଜନାରେ ଚାଉଳ, ଆବାସ ଯୋଜନାରେ ଘର ଓ ବିଜୁ ସ୍ୱାସ୍ଥ୍ୟ କାର୍ଡ଼ ସବୁକିଛି ପାଇବାରୁ ବଂଚିତ ଅଛନ୍ତି । ଭିନ୍ନକ୍ଷମ ମାନଙ୍କ ପାଇଁ ସରକାର ବହୁ ପ୍ରକାର ଅନୁକମ୍ପା ଦେଖାଉଥିବା ବେଳେ 'କିସୁନ'ଙ୍କ ପରି ୬୦ ପ୍ରତିଶତ ଭିନ୍ନକ୍ଷମ କିପରି ସବୁକିଛି ସହଯୋଗ ପାଇବାରୁ ବଂଚିତ ହେଲେ ତାହା ସମସ୍ତଙ୍କୁ ଚକିତ କରିଛି । ତାଛଡ଼ା କିସୁନ ଦଶମ ଶ୍ରେଣି ପର୍ଯ୍ୟନ୍ତ ପାଠ ପଢ଼ିଛନ୍ତି । ଭିନ୍ନକ୍ଷମ ମାନଙ୍କ ପାଇଁ ସଂରକ୍ଷିତ ଥିବା ସରକାରି ଚାକିରି ତାଙ୍କର ଶିକ୍ଷାଗତ ଯୋଗ୍ୟତା ଅନୁସାରେ ତାଙ୍କୁ ଯୋଗାଇ ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

ଅସହାୟ ପରିବାରକୁ ସହାୟତା କଲେ ସମାଜସେବୀ

ବାଲିଆପାଳ ୨୧/(ନି ପ୍ର)ଘରର ମେରୁଦଣ୍ଡ ଭାଙ୍ଗିଯିବା ପରେ ଅସହାୟ ହୋଇଗଲା ପରିବାର। ପର ଘରେ ମୂଳ ଲାଗି ସବିତା ନିଜର ପରିବାର ପ୍ରତିପୋଷଣ କରୁଥିଲେ। ମାତ୍ର ଦୈବର ଖେଳ ଏକମାତ୍ର ରୋଜଗାରକ୍ଷମ ସବିତା ଦଳାଇ ସାପ କାମୁଡାରେ ମୃତ୍ୟୁ ବରଣ କରିଥିଲେ। ସବିତାର ପରିବାର କହିଲେ ସ୍ୱାମୀ ଜଗବନ୍ଧୁ ଦଳାଇ ଜଣେ ଭିନ୍ନକ୍ଷମ, ସବିତା ଦଳାଇର ୪ ଜଣ ଛୋଟ ଛୋଟ ପିଲା ଅଛନ୍ତି। ଏହି ଭଳି ଏକ ଅଭାବନୀୟ ଘଟଣା ଘଟିଛି ବାଲିଆପାଳ ବ୍ଲକ ବଡ଼ାଶ ପଞ୍ଚାୟତ ବଡାଶ ଗ୍ରାମରେ।ଏହି ଅସହାୟ ପାରିବାରକୁ ଯୁବନେତା ସମାଜସେବୀ ଧୂଳିଆ ଦେ ନଗଦ ଦଶହଜାର ଟଙ୍କା ପ୍ରଦାନ କରିଛନ୍ତି। ୱାର୍ଡ ସଦସ୍ୟ ମନ୍ମଥ ବିଶ୍ୱାଳ, ଲକ୍ଷ୍ମୀକାନ୍ତ ଦେ, ମଦନମୋହନ ଦାସ, ବିଷ୍ଣୁ ପଦ ରାଉତ,ପବନ ଗିରି, ଗୌରାଙ୍ଗ ଦଳାଇ, ସମାଜସେବୀ ମାଳତୀ ନାୟକ, ବଡାଶ ପଞ୍ଚାୟତ ସଭାପତି ସାର୍ଥକ ରଣଜିତ ପ୍ରମୁଖ ଉପସ୍ଥିତ ଥିଲେ। ଏଭଳି ଏକ ଗରିବ ପରିବାରକୁ ସରକାର ଆର୍ଥିକ ସହାୟତା ଯୋଗାଇ ଦିଅନ୍ତୁ ବୋଲି ଗ୍ରାମବାସୀ ନିବେଦନ କରିଛନ୍ତି। ସମାଜସେବୀଙ୍କ ଏହି ମହତ କାର୍ଯ୍ୟ ପାଇଁ ସ୍ଥାନୀୟ ଲୋକେ ଶ୍ରୀ ଦେ ଙ୍କୁ ପ୍ରଶଂସା କରିଥିଲେ ।

୧୧ଫୁଟର ଅଜଗର ଉଦ୍ଧାର : ଜଳେଶ୍ୱର ବନବିଭାଗକୁ ହସ୍ତାନ୍ତର

ଜଳେଶ୍ୱର, ୨୨/୪ (ନି.ପ୍ର): ଆଜି ୧୧ ଫୁଟ ଲମ୍ବ ଓ ୧୪ କି.ଗ୍ରା. ଓଜନର ଏକ ଅଜଗର ସାପକୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଜଳେଶ୍ୱର ରେଞ୍ଜ କର୍ମଚାରୀଙ୍କୁ ହସ୍ତାନ୍ତର କରାଯାଇଛି। ଘଟଟଣାରୁ ପ୍ରକାଶ, ଆଜି ସକାଳେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ବର୍ତ୍ତନା ପଂଚାୟତର ଖରିଦା ଗାଁରେ ବସନ୍ତ ଜେନା ଜଣେ ସାପଧରାଳିଭାବେ ବିଖ୍ୟାତ। ସକଳେ କୁଳିଦା ପଂଚାୟତର ସରପଂଚ ପ୍ରତାପ ଜେନା ତାଙ୍କ ଗାଁରେ ଏକ ବିଶାଳ ଅଜଗର ସାପକୁ ଧରିବାକୁ କହିଥିଲେ। ବସନ୍ତ ଜେନା ସକାଳ ୭ଟାରେ କୁଳିଦା ପଂଚାୟତରେ ପଂଞ୍ଚି ମଧୁପୁର ଗାଁର ଉପ୍ରା ବିଦ୍ୟାଳୟ ନିକଟରୁ ଏହି ଅଜଗର ସାପକୁ ଦେଖି କୌଶଳକ୍ରମେ ଧରିଥିଲେ । ସାପଟିକୁ ଧରିବାରେ ଶ୍ରୀ ଜେକାଙ୍କୁ ବହୁ କୌଶଳ ଅବଲମ୍ବନ କରିବାକୁ ପଡିଥିଲା । ସାପଟିକୁ ନେଇ ବସନ୍ତ ଜେନା ଜଳେଶ୍ୱରସ୍ଥିତ ବନବିଭାଗ ରେଞ୍ଜ କର୍ମଚାରୀଙ୍କୁ ହସ୍ତାନ୍ତର କରିଥିଲେ । ବନବିଭାଗ କର୍ମଚାରୀ ଏହି ସାପଟିକୁ ଜଯଗଲରେ ଛାଡିଥିବା ଜଣାଯାଇଛି ।

ସଡ଼କ ସୁରକ୍ଷା ବ୍ୟବସ୍ଥା ଓ ଦୁର୍ଘଟଣା ହ୍ରାସ ନିମନ୍ତେ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ

ବାଲେଶ୍ୱର, ୨୨/୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ପ୍ରଶାସନ ଅନ୍ତର୍ଗତ ଜିଲ୍ଲା ସଡ଼କ ସୁରକ୍ଷା କମିଟି ଆନୁକୂଲ୍ୟରେ ସଡ଼କ ସୁରକ୍ଷା ବ୍ୟବସ୍ଥା ଓ ଦୁର୍ଘଟଣା ହ୍ରାସ ନିମନ୍ତେ ଏକ ବୈଠକ ଆଜି ନୂତନ କଲେକ୍ଟୋରେଟର ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶ୍ରୀ ଆଶୀଷ ଠାକରେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ରଶ୍ମି ରଞ୍ଜିତ ଦଳବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ